



ସକାଳ THE SAKALA
www.sakalaepaper.com

## ଅଧାପନ୍ତରିଆ ମେଗା ପାନୀୟଜଳ ପ୍ରକଳ୍ପ

# ପିଇବା ପାଣି ପାଇଁ ଲୋକେ ହୀନସ୍ତା

କବାଟବନ୍ଧ, ୧୯ ।୧ (ସମିସ)



ଧର୍ମଶାଳା ବ୍ଲକ୍ ବାଲିକୁଦିଆଠାରେ ନିର୍ମାଣାଧୀନ ମେଗା ପାନୀୟଜଳ ପ୍ରକଳ୍ପ ଆଜି ପର୍ଯ୍ୟନ୍ତ ସରିପାରିନି। ଏହି ପ୍ରକଳ୍ପ ଗତ ଡିସେମ୍ବର ସୁଦ୍ଧା ଶେଷ କରିବାକୁ ବିଭାଗ ପକ୍ଷରୁ ତାରିଖ ଧାର୍ଯ୍ୟ କରାଯାଇଥିଲା। ଏବେ ଅଧାପନ୍ତରିଆ ଭାବେ ପଡ଼ିରହିଛି। ଧର୍ମଶାଳାବାସୀଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦେବାକୁ ବିଭାଗୀୟ ଅଧିକାରୀ ଆନ୍ତରିକତାର ଅଭାବ ଯୋଗୁଁ ସାଧାରଣ ଲୋକେ ପାନୀୟଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ସେମାନଙ୍କୁ ହୀନସ୍ତା ଭୋଗ କରିବାକୁ ପଡୁଛି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି।

ସୂଚନା ମୁତାବକ, ଧର୍ମଶାଳା ବ୍ଲକ୍‌ର ରାଇଛନ୍ଦା ପଞ୍ଚାୟତର ବାଲିକୁଦିଆଠାରେ ୨୦୨୦ରେ ମେଗା ପାନୀୟଜଳ ପ୍ରକଳ୍ପ କାମ ଆରମ୍ଭ ହୋଇଥିଲା। ଏଥିପାଇଁ ମେଗା ଇଞ୍ଜିନିୟରିଂ ଏଣ୍ଡ ଇନ୍‌ଫ୍ରାଷ୍ଟ୍ରକ୍ଚର ଲିମିଟେଡ୍ ନାମକ ଏକ ଘରୋଇ ଠିକା ସଂସ୍ଥାକୁ ନିର୍ମାଣ ଦାୟିତ୍ୱ ଦିଆଯାଇଥିଲା। ବ୍ରାହ୍ମଣୀ ନଦୀ ଜଳ ବିଶୋଧନ କରାଯାଇ ପାଇପ୍ ଯୋଗେ ସମସ୍ତ ଗାଁକୁ ଯୋଗାଣ କରାଯିବାକୁ ଗାଁ ଗାଁରେ ପାଇପ ବିଛାଇ ଦିଆଗଲା। ବ୍ଲକ୍‌ର ୪୫ଟି ପଞ୍ଚାୟତକୁ ପିଇବା ପାଣି ଯୋଗାଇ ଦିଆଯିବ ବୋଲି ଧର୍ମଶାଳାବାସୀ ଚାହିଁବସିଛନ୍ତି। କିନ୍ତୁ ପ୍ରକଳ୍ପ ଶେଷ ହେବାଅବଧି ସରିବା ପରେ ମଧ୍ୟ ଏହାର ଶେଷକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ପ୍ରକଳ୍ପ ଆରମ୍ଭର ୨ ବର୍ଷ ମଧ୍ୟରେ ଠିକା ସଂସ୍ଥା ପକ୍ଷରୁ ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରାଯାଇ କାର୍ଯ୍ୟକ୍ଷମ କରିବା ପାଇଁ ଚୁକ୍ତି କରାଯାଇଥିଲା। କିନ୍ତୁ ଠିକା ସଂସ୍ଥାର ମନମାନି ଓ ବିଭାଗୀୟ ଅଧିକାରୀଙ୍କ ଠିକାଦାର ପ୍ରୀତି ଯୋଗୁଁ ପ୍ରାୟ ୫ ବର୍ଷ ହେଲା ଏହା ସମ୍ପୂର୍ଣ୍ଣ ହୋଇପାରୁନାହିଁ। ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ, ପମ୍ପ ହାଉସ, ଇନଟେକ ୱେଲ କାମ ସମ୍ପୂର୍ଣ୍ଣ ହୋଇଥିବାବେଳେ ଆହୁରି ଅନ୍ୟାନ୍ୟ କାର୍ଯ୍ୟ ବାକି ରହିଛି। ପ୍ରୋଜେକ୍ଟ ପାଇଁ ଇଲେକ୍ଟ୍ରି ସବ୍‌ଷ୍ଟେସନ ମଧ୍ୟ ରହିଛି। କେବଳ ଖୁଣ୍ଟ ପକାଇ ଦିଆଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ତାର ଟଣାଯାଇନାହିଁ। ପାୱାର ସପ୍ଲାଇ ପାଇଁ ଡିପାର୍ଟମେଣ୍ଟାଲ ଇସ୍ୟୁ ରହିଥିବା ଶୁଣିବାକୁ ମିଳୁଛି।

ଅନ୍ୟପକ୍ଷରେ ଜାତୀୟ ରାଜପଥ ଦେଇଯାଇଥିବା ପାଇପ୍ ରାସ୍ତା ସମ୍ପ୍ରସାରଣ କାରଣରୁ ଅନେକ ସ୍ଥାନରେ ଭାଙ୍ଗିଯାଇଛି। ଯାହାକୁ ମରାମତି କିମ୍ବା ସ୍ଥାନାନ୍ତରିତ କରାଯାଇନାହିଁ। ତେବେ ପ୍ରୋଜେକ୍ଟ ହେଉଥିବା ଅଖପାଖ ସ୍ଥାନକୁ ବାଦ୍‌ଦେଲେ ରାସ୍ତା ସମ୍ପ୍ରସାରଣରେ ଭାଙ୍ଗିଥିବା ପାଇପ ଯୋଗୁଁ ଅନ୍ୟ ଅଞ୍ଚଳକୁ କେମିତି ଜଳଯୋଗାଣ ହେବେ, ତାହା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଥିପାଇଁ ଠିକା ସଂସ୍ଥାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅହେତୁକ ଅନୁକମ୍ପା ରହିଥିବା ଜନସାଧାରଣ ଅଭିଯୋଗ କରିଛନ୍ତି। ବିଭିନ୍ନ ଗାଁକୁ ଜଳଯୋଗାଣ ନିମନ୍ତେ ବିଛାଯାଇଥିବା ପାଇପ ବ୍ୟବହାର ନ ହେବାରୁ ଭାଙ୍ଗିରୁଜି ଗଲାଣି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀ ପ୍ରଦ୍ୟୁମ୍ନ ରଞ୍ଜନ ପଣ୍ଡାଙ୍କ ମତାମତ ନେବାକୁ ଫୋନ କରିଥିଲେ ମଧ୍ୟ ସେ ଫୋନ ରିସିଭ କରି ନ ଥିଲେ।

## ରାମେଶ୍ୱର ନାଥଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

ମଙ୍ଗଳପୁର/କୟାଁଗୋଲା, ୧୯।୧ (ସମିସ): ଦଶରଥପୁର ବ୍ଲକ୍ ଖାନନଗର ପଞ୍ଚାୟତସ୍ଥ ଲାଲବାଗ ଗ୍ରାମରେ ଆଜି ବାବା ରାମେଶ୍ୱର ନାଥଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଛି। ହରିହର ମହାପାତ୍ର ଓ ତାଙ୍କ ପତ୍ନୀ କଳ୍ପନା ମହାପାତ୍ର ସଂକଳ୍ପ କରୁଥିବାବେଳେ ପ୍ରଦୀପ୍ତ ପୂର୍ଣ୍ଣଚନ୍ଦ୍ର ଆଚାର୍ଯ୍ୟ, ବଦ୍ରିନାରାୟଣ ପଣ୍ଡା, ଗୋବିନ୍ଦ ଚନ୍ଦ୍ର ମିଶ୍ର, କାଳନ୍ଦୀ ମିଶ୍ର, କମଳାକାନ୍ତ ପାଢ଼ୀ, ଧୀରେନ୍ଦ୍ର ପଣ୍ଡା ପୂଜା କାର୍ଯ୍ୟ ସମ୍ପାଦନ କରିବାରେ ସହାୟତା କରୁଛନ୍ତି। ୩ ଦିନ ଧରି ପ୍ରତିଷ୍ଠା ଉତ୍ସବ ଓ ଯଜ୍ଞ ଅନୁଷ୍ଠିତ ହେବ। ୧୧ ଜଣ ମହିଳା କୟାଁଗୋଲାସ୍ଥ ବୈତରଣୀ ନଦୀରୁ କଳସରେ ପାଣି ଆଣି ଯଜ୍ଞ ସ୍ଥଳରେ ସ୍ଥାପନ କରିଥିଲେ। ସୋମବାର ବିଗ୍ରହ ପ୍ରତିଷ୍ଠା ହେବା ସହ ମଙ୍ଗଳବାର ଯଜ୍ଞର ପୂର୍ଣ୍ଣାହୁତି ଦିଆଯିବ।

## ଡୁବୁରୀ ସମବାୟ ସମିତିରେ ଖୋଲିଲା ଧାନମଣ୍ଡି



ସୁକିନ୍ଦା, ୧୯।୧ (ସମିସ): ଡୁବୁରୀ ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ଆଜି ଧାନମଣ୍ଡି ଶୁଭାରମ୍ଭ ହୋଇ ଚାଷୀଙ୍କଠାରୁ ଧାନକ୍ରୟ ଆରମ୍ଭ ହୋଇଛି। ଡୁବୁରୀ ସମିତିର ସଭାପତି ବିଜୟ ଦାସ ମଣ୍ଡି ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବରେ ସୁକିନ୍ଦା ପଞ୍ଚାୟତ ସମିତି ଉପାଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ସ୍ଥାନୀୟ ସରପଞ୍ଚ ନିରୁପମା ପାତ୍ର, ନୋଡାଲ ଅଫିସର ଇତିଶ୍ରୀ ଦେହୁରୀ, ସମିତି ଉପସଭାନେତ୍ରୀ ମଞ୍ଜୁଲତା ଦାସ, ଯୁବ ନେତା ସଞ୍ଜୟ ରାଉତ ପ୍ରମୁଖ ଧାନମଣ୍ଡିର ସୁବ୍ୟବସ୍ଥା ନେଇ ଆଲୋଚନା କରିଥିଲେ। ଡୁବୁରୀ, ବାରଗାଡ଼ିଆ, ସାରଙ୍ଗପୁର, ଗୋବରାଘାଟି, ସଂସାଇଲୋ ଆଦି ପଞ୍ଚାୟତର ୪୮୮ ଜଣ ପଞ୍ଜିକୃତ ଚାଷୀ ନୂତନ ମୂଲ୍ୟରେ ଧାନ ବିକ୍ରି କରିପାରିବେ ବୋଲି ସମବାୟ ସମିତିର ସମ୍ପାଦକ ପ୍ରବୀର ନାୟକ ସୂଚନା ଦେଇଥିଲେ।

## ବରୁଣେଶ୍ୱର ମହାବିଦ୍ୟାଳୟର ସେବା ଶିବିର

ବିଂଝାରପୁର, ୧୯ ।୧(ସମିସ): ବରୁଣେଶ୍ୱର ମହାବିଦ୍ୟାଳୟରେ ଚାଲିଥିବା ସପ୍ତାହ ବ୍ୟାପି ଜାତୀୟ ସେବା ଯୋଜନା ଶିବିର ଆଜି ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅଖିଳଚକ୍ରର ସାଧାରଣ ସମ୍ପାଦକ ହରେକୃଷ୍ଣ ପଣ୍ଡା ଯୋଗଦେଇ ସେବା ମନୋଭାବ ମାନବୀୟ ଚେତନାରୁ ସୃଷ୍ଟି ହୋଇଥାଏ। ଏହା ମହତ୍ କାର୍ଯ୍ୟ ବୋଲି କହିଥିଲେ। ସାମାଜିକ କର୍ମୀ ରବୀନ୍ଦ୍ର ପରିଡ଼ା ସେବା ଏକ ସାମାଜିକ ଜୀବନର ଉତ୍କର୍ଷ ବୋଲି କହିବା ସହିତ ଏହି ଯୋଜନାର କାର୍ଯ୍ୟକ୍ରମ ଜାତୀୟ ସ୍ତରରେ ଆଲୋଡିତ। ଏହି କଲେଜର ଏହି ଯୋଜନା ରାଷ୍ଟ୍ରପତିଙ୍କ ଦ୍ୱାରା ପୁରସ୍କୃତ ହେବା କଲେଜ ପାଇଁ ଗୌରବ ଆଣିଦେଇଛି ବୋଲି କହିଥିଲେ। ଏହି ଜାତୀୟ ସେବା ଯୋଜନାରେ ୮୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବରୁଣେଶ୍ୱର ମେଳାରେ ସପ୍ତାହ ବ୍ୟାପୀ ଶିବିରାର୍ଥୀ ବିବିଧ ସେବା ଯୋଗାଇଥିବା ସେବା ଯୋଜନାର କାର୍ଯ୍ୟକାରୀ ଅଧିକାରୀ ବାସୁଦେବ ମଲ୍ଲିକ ସୂଚନା ଦେଇଥିଲେ। ପୋଷ୍ୟ ଗ୍ରାମ ଲେଙ୍କା ସାହିରେ ସଫେଇ,




ସାମାଜିକ ଚେତନାମୂଳକ କାର୍ଯ୍ୟ କରି ଗ୍ରାମବାସୀଙ୍କ ଦ୍ୱାରା ପ୍ରଶଂସିତ ହୋଇଥିଲେ। ବରୁଣେଶ୍ୱର ମନ୍ଦିର ପରିସରରେ ଛାତ୍ରଛାତ୍ରୀ ଶାନ୍ତିଶୃଙ୍ଖଳା ରକ୍ଷା କରିବା ସହ ଭକ୍ତଙ୍କୁ ସେବା ଯୋଗାଇଥିଲେ। ଉଦଯାପନୀ ଉତ୍ସବରେ ଯୋଜନା କାର୍ଯ୍ୟକାରୀ ଅଧିକାରିଣୀ ମୋନାଲିସା ନାୟକ, ଅଧ୍ୟାପକ ବଳରାମ ବେହେରା, ଜ୍ୟୋତ୍ସ୍ନାରାଣୀ ଜେନା, ବିଶ୍ୱରଞ୍ଜନ ନାୟକ +୨ର ପ୍ରୋଗ୍ରାମ ଅଫିସର ଦୀପକ ଜେନା ଅଂଶଗ୍ରହଣ କରିଥିଲେ।

## ଓଡ଼ିଶା ଶିଳ୍ପୀ ମହାସଂଘର ହରିପୁର ଶାଖା ଉଦ୍‌ଘାଟିତ

କୁଆଖିଆ,୧୯।୧(ସମିସ)



ରସୁଲପୁର ବ୍ଲକ୍ ହରିପୁରଠାରେ ଓଡ଼ିଶା ଶିଳ୍ପୀ ମହାସଂଘର ନୂତନ ଶାଖା ଉଦ୍‌ଘାଟିତ ହୋଇଛି। ମହାସଂଘ ସମ୍ପାଦକ ପ୍ରିୟରଞ୍ଜନ କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନରସିଂହପୁର ସରପଞ୍ଚ ପ୍ରଶାନ୍ତ ଦାସ, ସମିତିସଭ୍ୟା ତିଳୋତ୍ତମା ପରିଡା, ସାମ୍ବାଦିକ ଅମୂଲ୍ୟ ବରାଳ, ଯାଜପୁର ଜିଲ୍ଲା ସଭାପତି ପ୍ରଶାନ୍ତ ବେହେରା, କଟକ ଜିଲ୍ଲା ଶାଖା ସଭାପତି ଗୋବିନ୍ଦ ସାମଲ, ଗୋପାଳପୁର ଶାଖା ସଭାପତି ଲକ୍ଷ୍ମୀଧର ଚାନ୍ଦ, ହରିପୁର ଶାଖା ସଭାପତି ଶାନ୍ତିଲତା ବରାଳ, ୱାର୍ଡସଭ୍ୟ ବଳଦେବପାତ୍ର ଓ ଯାତ୍ରା ପୋଷାକ ମାଷ୍ଟର କାରିଗର ନରେନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଦୀପ୍ତିରାଣୀ ବେହେରା ଅତିଥି ପରିଚୟ ପ୍ରଦାନ କରିବା ସହ ମଞ୍ଚ ପରିଚାଳନା କରିଥିଲେ। ହରିପୁର ଅଞ୍ଚଳ ଯାତ୍ରା ପୋଷାକ ପାଇଁ ସମଗ୍ର ରାଜ୍ୟରେ ପ୍ରସିଦ୍ଧି ଲାଭ କରିଥିବାବେଳେ ଏହି କାର୍ଯ୍ୟରେ ନିୟୋଜିତ କାରିଗରଙ୍କୁ ସଂଗଠିତ କରିବା ଓ ଆବଶ୍ୟକ ତାଲିମ ପ୍ରଦାନ କରି କାରିଗରଙ୍କ ଦକ୍ଷତା ବୃଦ୍ଧି କରିବା ସହିତ ମୂର୍ତ୍ତି, କୁଞ୍ଚ କାରିଗର, କାଠ ଶିଳ୍ପୀ, ମନ୍ଦିର ଶିଳ୍ପୀ, ଚାନ୍ଦୁଆ କାରିଗର ଓ ଅନ୍ୟ କାରିଗରଙ୍କ ଦକ୍ଷତା ବୃଦ୍ଧି ସଂପର୍କରେ ଆଲୋଚନା ହୋଇଥିଲା। ବୟନ ଓ ହସ୍ତଶିଳ୍ପ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ହେଉଥିବା ସର୍ଭେରେ ସାମିଲ ହୋଇ ସମସ୍ତଙ୍କୁ ପଞ୍ଜିକୃତ କରାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଶିଳ୍ପୀ ଓ କାରିଗରଙ୍କ ପାଇଁ ସରକାରୀ ସ୍ତରରେ ଥିବା ବିଭିନ୍ନ ଯୋଜନା, ସୁବିଧା ଓ ସହାୟତା ସଂପର୍କରେ ସେମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ଏ ଅବସରରେ ବହୁ ବରିଷ୍ଠ କାରିଗରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଶାନ୍ତିଲତା ବରାଳଙ୍କ ନେତୃତ୍ୱରେ ଅଞ୍ଜୁଲତା ବେହେରା, ନରେନ୍ଦ୍ର ରଣା, କାଳନ୍ଦୀ ବେହେରା, ସୀମାରାଣୀ ପଣ୍ଡା, ଶ୍ୟାମସୁନ୍ଦର ବରାଳ ଓ ଜଗନ୍ନାଥ ଦେଓ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ କରିଥିଲେ।

## ନାଥସାହି ବିଦ୍ୟାଳୟ ପୁରାତନ ଛାତ୍ରଛାତ୍ରୀଙ୍କ ଗୁରୁପୂଜନ

ଯାଜପୁର, ୧୯।୧(ସମିସ): ଯାଜପୁର ବ୍ଲକ୍ ଅନ୍ତର୍ଗତ ନାଥସାହିସ୍ଥ ପଞ୍ଚାୟତ ହାଇସ୍କୁଲର ୧୯୯୯ ବ୍ୟାଚ୍ ପୁରାତନ ଛାତ୍ରଛାତ୍ରୀଙ୍କ ଗୁରୁପୂଜନ କାର୍ଯ୍ୟକ୍ରମ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ବ୍ୟାଚ୍‌ର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ରହି ବିଦ୍ୟାଳୟର ଶିକ୍ଷକଙ୍କୁ ଗୁରୁପୂଜନ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନା ଓ ଆଲୋଚନାରେ ରଶ୍ମୀରଞ୍ଜନ ସାହୁ, ବୃନ୍ଦାବନ ଦାସ, ଅଜିତ ଦାସ, ଅରୁଣ ସାହୁ, ସୁବାସ ବେହେରା, ଶ୍ରୀନିବାସ ସିଂହ, ଜିତେନ୍ଦ୍ର ମହାପାତ୍ର, ଧିରେନ୍ଦ୍ର ବିଡି, କିଶୋର ଓଝା, ପ୍ରଜ୍ଞାପରମିତା ରାୟ, ସ୍ୱର୍ଣ୍ଣଲତା ପରିଡା, ଲକ୍ଷ୍ମୀ ଦାସ, ମୋନାଲିସା ପଣ୍ଡା, ଶ୍ରୀଧର ଜେନା, ନାରାୟଣ ସାହୁଁ ପ୍ରମୁଖ ଭାଗ ନେଇଥିଲେ।

## ମାନଗୋବିନ୍ଦପୁର ନୋଡାଲ ଓ ଉଚ୍ଚ-ବିଦ୍ୟାଳୟରେ ପୁରସ୍କାର ବିତରଣ ଉତ୍ସବ

ଦାନଗଦି, ୧୯।୧(ସମିସ): ଦାନଗଦି ବ୍ଲକ୍ ଅନ୍ତର୍ଗତ ମାନଗୋବିନ୍ଦପୁର ନୋଡାଲ ଓ ଉଚ୍ଚବିଦ୍ୟାଳୟର ତିନିଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ାର ପୁରସ୍କାର ବିତରଣ ଅନୁଷ୍ଠିତ ହୋଇଯାଇଛି। ପ୍ରଥମରୁ ଦଶମ ପର୍ଯ୍ୟନ୍ତ ୫ ଶହ ଛାତ୍ରଛାତ୍ରୀ ବିଭିନ୍ନ ଖେଳରେ ଭାଗ ନେଇଥିବାବେଳେ ୧୫୦ ଜଣ ଛାତ୍ରଛାତ୍ରୀ ପୁରସ୍କୃତ ହୋଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ସରପଞ୍ଚ ମାନସ ରଣା, ଜୟକୃଷ୍ଣ ପୃଷ୍ଟି, ଗଙ୍ଗାଧର ପାତ୍ର, ଜୟକୃଷ୍ଣ ରଣା, ପରିଚାଳନା କମିଟି ସଭାପତି ଶୈଳେନ୍ଦ୍ର ରଣା, ପ୍ରଧାନଶିକ୍ଷକ ସୁଶାନ୍ତ ଭୂୟାଁ, ନୋଡାଲ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁନ୍ଦରୀ ବିରୁଆ, ସୁବାସ ଚନ୍ଦ୍ର ସାହୁ, ସାମ୍ବାଦିକ ଶ୍ରୀକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କ୍ରୀଡ଼ା ଶିକ୍ଷକ ସନ୍ତୋଷ ସାହୁ ସଭା ପରିଚାଳନା କରିଥିବାବେଳେ ଶିକ୍ଷକ ଅଭିଷେକ ବେହେରା ସହଯୋଗ କରିଥିଲେ। ଛାତ୍ର କାଳୀଚରଣ ସହର ଓ ଛାତ୍ରୀ ରୀମା ବହଳ ଚାମ୍ପିଅନ ହୋଇଥିବାବେଳେ ନୋଡାଲ ବିଦ୍ୟାଳୟର ଛାତ୍ର ରାମ ଚାକିଆ ଓ ଛାତ୍ରୀ ଅର୍ପିତା ମହାପାତ୍ର ଚାମ୍ପିଅନ ହୋଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକ ଉପସ୍ଥିତ ଥିଲେ।

## ଭାରତୀ ବିହାର ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ସୁକିନ୍ଦା,୧୯।୧(ସମିସ): ସୁକିନ୍ଦା ବ୍ଲକ୍ ଅନ୍ତର୍ଗତ ହରିପୁରସ୍ଥ ଭାରତୀ ବିହାର ଉଚ୍ଚମାଧ୍ୟମିକ ବିଦ୍ୟାଳୟର ୪୦ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଶିକ୍ଷାଲାଭ କରି ଆଦର୍ଶ ମଣିଷ ଭଳି ନିଜକୁ ଗଢ଼ି ତୋଳିବାକୁ ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ପରାମର୍ଶ ଦେଇଥିଲେ। ଅଧ୍ୟକ୍ଷ ଦୀନବନ୍ଧୁ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବ୍ୟାସନଗର ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଶିବଚରଣ ମାଝୀ ମୁଖ୍ୟବକ୍ତା, ସୁକିନ୍ଦା ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ରେଶମା ଟେଟେ ଓ +୩ର ଅଧ୍ୟକ୍ଷ ଭଗବାନ ପରିଡ଼ା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏ ଅବସରରେ ବିଦ୍ୟାଳୟରେ ଅନୁଷ୍ଠିତ କ୍ରୀଡାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଷ୍ଟୁଡେଣ୍ଟ ଅଫ ଦି ଇୟର୍ ଭାବେ ଲକ୍ଷ୍ମୀପ୍ରିୟା ପ୍ରଧାନଙ୍କୁ ସମ୍ମାନିତ କରାଯାଇଛି। ଅଧ୍ୟାପକ ମହେନ୍ଦ୍ର ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ନନ୍ଦକିଶୋର ଖଣ୍ଡାଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଓଡ଼ିଆ ବିଭାଗ ଅଧ୍ୟାପକ ରଞ୍ଜନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ପଞ୍ଚାୟତ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ବରୀ,୧୯।୧(ସମିସ): ରାମପୁର ପଞ୍ଚାୟତ ଉଚ୍ଚବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଥମେ ବିଦ୍ୟାଳୟ ପରିସରରେ ନୂତନ ଭାବେ ନିର୍ମିତ ସାଇକଲ ଷ୍ଟାଣ୍ଡ ଓ ଔଷଧୀୟ ଉଦ୍ୟାନକୁ ଉଦ୍‌ଘାଟନ କରିଥିଲେ। ପରେ ବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗତ ଗଗନ ବିହାରୀ ଜେନା ଓ ବିଦ୍ୟାଳୟ ପାଇଁ ଭୂମିଦାନ କରିଥିବା ସ୍ୱର୍ଗତ ଭୋଳାନାଥ ସାମଲଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥଲେ। କ୍ରୀଡ଼ା ପ୍ରତିଯୋଗିତାର ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥଲେ। ଅନ୍ୟମାନଙ୍କ ମଧ୍ୟରେ ନାଲ୍‌କୋର ଡିଜିଏମ ସୁରେଶ ସାମଲ, ବ୍ଲକ୍ ଅଧ୍ୟକ୍ଷ ଅଶୋକ ଗେଡୀ, ଉପାଧ୍ୟକ୍ଷା ଅର୍ଚ୍ଚନା ମଲିକ, ଜିଲ୍ଲା ପରିଷଦ ସଭ୍ୟ ଅଶୋକ ସାମଲ, ସନ୍ତୋଷ ସାମଲ, ବିଦ୍ୟାଳୟର ପୂର୍ବତନ ସଭାପତି କେଦାର ସାମଲ, ବ୍ଲକ୍ ଓଷ୍ଟା ସଭାପତି ରବୀନ୍ଦ୍ର ପତି ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ନିର୍ମଳ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏ ଅବସରରେ ବିଧାୟକ ଶ୍ରୀ ମଲ୍ଲିକ ତାଙ୍କ ଏକମାସର ଦରମା ବିଦ୍ୟାଳୟର ମେଧାବୀ ଛାତ୍ରଛାତ୍ରୀଙ୍କ ଶିକ୍ଷାବୃତ୍ତି ପାଇଁ ପ୍ରଦାନ କରିଛନ୍ତି।

## ଜିଲ୍ଲା କନିଷ୍ଠ ଶିକ୍ଷକ ସଂଘ ବୈଠକ



କବାଟବନ୍ଧ,୧୯।୧(ସମିସ): ଯାଜପୁର ଜିଲ୍ଲା କନିଷ୍ଠ ଶିକ୍ଷକ ସଂଘର ବୈଠକ ଓ ଜିଲ୍ଲାସ୍ତରୀୟ ନିର୍ବାଚନ ଯାଜପୁରରୋଡସ୍ଥ ବ୍ୟାସ ସରୋବର ପ୍ରାଙ୍ଗଣରେ ଅନୁଷ୍ଠିତ ହେଇଯାଇଛି। ଯାଜପୁର ଜିଲ୍ଲାର ବିଭିନ୍ନ ବ୍ଲକର ନବନିଯୁକ୍ତ କନିଷ୍ଠ ଶିକ୍ଷକ ଏହି ସଭାରେ ଯୋଗଦେଇଥିଲେ। ବିଦ୍ୟାଳୟରେ ନିଜ ନିଜର ଅନୁଭୂତି ବିଷୟରେ କହିବା ସହ ଆଗାମୀ ଦିନରେ କିପରି ପ୍ରାଥମିକ ସ୍ତରରେ ଥିବା ବିଭିନ୍ନ ଅସୁବିଧାର ଦୂରୀକରଣ ନିମନ୍ତେ ସଂଘ ମାଧ୍ୟମରେ ସରକାରଙ୍କ ପାଖରେ ଦାବି ରଖାଯାଇପାରିବ ସେ ବିଷୟରେ ଆଲୋଚନା କରିଥିଲେ। ଉକ୍ତ ବୈଠକରେ ଯାଜପୁର ଜିଲ୍ଲାର ବିଭିନ୍ନ ବ୍ଲକର ବ୍ଲକସ୍ତରୀୟ ନିର୍ବାଚିତ ପ୍ରତିନିଧି ଜିଲ୍ଲାସ୍ତରୀୟ ପ୍ରତିନିଧିଙ୍କୁ ନିର୍ବାଚିତ କରିଥିଲେ। କନିଷ୍ଠ ଶିକ୍ଷକ ସଂଘ ଭଦ୍ରକର ନେତୃତ୍ୱ ନେଉଥିବା ଦୀପକ ନାୟକ ଓ କେନ୍ଦ୍ରାପଡ଼ାର ନେତୃତ୍ୱ ନେଉଥିବା ରାଜେଶ ପଣ୍ଡା ନିର୍ବାଚନ ପରିଚାଳନା କରିଥିଲେ। ସର୍ବସମ୍ମତି କ୍ରମେ ସଭାପତି ଭାବେ ଶେଷଦେବ ଯଜ୍ଞକାମ ଦେଓ, କାର୍ଯ୍ୟକାରୀ ସଭାପତି ବସନ୍ତ ପ୍ରଧାନ, ଉପସଭାପତି ଦୀପକ ଦାସ, ସମ୍ପାଦକ ସୌରଭ ମହାନ୍ତି, ସହସମ୍ପାଦକ ମନୋଜ ଦାସ, ସାଂଗଠନିକ ସମ୍ପାଦକ ସତ୍ୟପ୍ରିୟ ସାହୁ, କୋଷାଧ୍ୟକ୍ଷ ବିଶ୍ୱେଶ୍ୱର ପହି, ସହକୋଷାଧ୍ୟକ୍ଷ ଗୁରୁଜ୍ୟୋତି ମହାନ୍ତି, ଗଣମାଧ୍ୟମ ସଂଯୋଜକ ଭାବେ ଶ୍ରୀଧର ଓଝା ନିର୍ବାଚିତ ହୋଇଥିଲେ। ବିଶ୍ୱେଶ୍ୱର ପହି, ମନୋଜ ଦାସ, ବିଶ୍ୱନାଥ ମହାକୁଡ, ସ୍ନେହା ସାହୁ, ମଳୟ ଜେନା, ରାମଦୁଲାରି ନାୟକ, ଶୁଭସ୍ମିତା ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜୟଚଣ୍ଡି ବିଦ୍ୟାଳୟରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ




ମଙ୍ଗଳପୁର/କୟାଁଗୋଲା, ୧୯।୧(ସମିସ): ଦଶରଥପୁର ବ୍ଲକ୍ କୟାଁ ପଞ୍ଚାୟତସ୍ଥ ଦୁବକଣ ଜୟଚଣ୍ଡୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ଆତ୍ମସୁରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। ଅଧ୍ୟକ୍ଷ ସୁରେନ୍ଦ୍ର କୁମାର ପୋଥାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ସଭାରେ କାର୍ଯ୍ୟକ୍ରମ ସଂଯୋଜକ ଅଧ୍ୟାପକ ସତ୍ୟବ୍ରତ ପୃଷ୍ଟି, ଅଧ୍ୟାପକ ଅଟଳ ବିହାରୀ ମଲ୍ଲିକ, ଅଧ୍ୟାପକ ଅଭିରାମ ମଲ୍ଲିକ, ଅଭିମନ୍ୟୁ ଦାସ, ଅଧ୍ୟାପିକା ଶକୁନ୍ତଳା ସାହୁ, ଅତିଥି ଅଧ୍ୟାପକ ତ୍ରିଲୋଚନ ଦାସ, ଗ୍ରନ୍ଥାଗାରିକ ପ୍ରକାଶ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଶିବିର ୮ ଦିନ ଧରି ଚାଲିଥିବାବେଳେ ପ୍ରଶିକ୍ଷିକା ସାନୁଲତା ରାଉତ ଯୋଗଦେଇ ଛାତ୍ରୀଙ୍କୁ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ମହାବିଦ୍ୟାଳୟର କିରାଣି ହିମାଂଶୁ ନାୟକ, କର୍ମଚାରୀ କେଦାରନାଥ ଜେନା, ଅଜୟ ଜେନା, ଦିନେଶ ବାରିକ, ମିତାରାଣୀ ଦାସ ପ୍ରମୁଖ ସହଯୋଗ କରିଥିଲେ।

## କ୍ରୀଡ଼ା ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କୟାଁଗୋଲା/ଦଶରଥପୁର,୧୯ ।୧(ସମିସ): ଦଶରଥପୁର ବ୍ଲକ୍ ଅଧୀନସ୍ଥ ପାଲଟପୁର ଗାନ୍ଧିଜୀ ଉଚ୍ଚବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ ରାଜକିଶୋର ରାଉତଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନଶିକ୍ଷକ ସୁରେନ୍ଦ୍ର ମୁଦୁଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବରିଷ୍ଠ ସାହିତ୍ୟିକ ଡଃ ବାସୁଦେବ ମିଶ୍ର, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ଶୈଳେନ୍ଦ୍ର ନାୟକ, ଯୁଗଳ କିଶୋର ସାହୁ, ଶିଶୁ ସାହିତ୍ୟିକ ଧୀରେନ୍ଦ୍ର ମଲ୍ଲିକ, ସରପଞ୍ଚ ଲିପିକା ମଲ୍ଲିକ, ସମିତିସଭ୍ୟ ଧୀରେନ୍ଦ୍ର ମଲ୍ଲିକ, ସାମ୍ବାଦିକ ଚନ୍ଦ୍ରଶେଖର ସାହୁ, ଶିକ୍ଷକ ହରିଶ ଚନ୍ଦ୍ର ପଣ୍ଡା, ସୁରେନ୍ଦ୍ର ପାତ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାଜେଶ ବିଶ୍ୱାଳ, ସଭ୍ୟ କୈଳାସ ମଲ୍ଲିକ, ନିରଞ୍ଜନ ମଲ୍ଲିକ ଯୋଗଦେଇ ଶ୍ରୀ ରାଉତଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସହକାରୀ ଶିକ୍ଷକ ଜ୍ଞାନରଞ୍ଜନ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ସହକାରୀ ଶିକ୍ଷକ ଦୁର୍ଯ୍ୟୋଧନ ସାମଲ, ହରିଶ ମହାରଣା, ଶରତ ସାହୁ, ଅଶୋକ ନାୟକ, ଶିକ୍ଷୟିତ୍ରୀ ରଶ୍ମିତା ରାଉତ, ଶିକ୍ଷା କର୍ମଚାରୀ ପ୍ରଫୁଲ୍ଲ ନାୟକ, ବ୍ରଜ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏ ଅବସରରେ କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଚାରକ ଭାବେ ଶିକ୍ଷକ ଅନୀଲ ରାୟ ଓ ବିପିନ ରାୟ ଯୋଗଦେଇଥିଲେ।

## ଗୋପାଳଜୀଉ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ଜାରକା,୧୯।୧(ସମିସ): ଧର୍ମଶାଳା ବ୍ଲକ୍ ଥାନୁଆଳ ପଞ୍ଚାୟତ ମୁରାରୀପୁରସ୍ଥ ଗୋପାଳଜୀଉ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନଶିକ୍ଷକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍କୁଲସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଦ୍ୱାରା ଛାତ୍ରଛାତ୍ରୀଙ୍କ ମଧ୍ୟରେ ମାନସିକ ଓ ଶାରୀରିକ ବିକାଶ ହୋଇଥାଏ ବୋଲି କହିଥିଲେ। ଦୁଇଦିନ ଧରି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦୌଡ଼, ଲମ୍ବଡିଆଁ, ଉଚ୍ଚଡିଆଁ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ସ୍କୁଲର ସମସ୍ତ ଶିକ୍ଷକ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସ୍ୱାମୀ ବିବେକାନନ୍ଦ ଆବାସିକ ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବ

# ‘ଛାତ୍ରଛାତ୍ରୀ ସମୟାନୁବର୍ତ୍ତୀ ହେବା ଆବଶ୍ୟକ’

ବାଲିଚନ୍ଦ୍ରପୁର, ୧୯।୧(ସମିସ)



ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ବାଲିଚନ୍ଦ୍ରପୁର ନିକଟ ପତରାଜପୁରସ୍ଥ ସ୍ୱାମୀ ବିବେକାନନ୍ଦ ଆବାସିକ ଶିକ୍ଷାନୁଷ୍ଠାନର ସପ୍ତମ ବାର୍ଷିକ ଉତ୍ସବ ପ୍ରତିଷ୍ଠାତା ଇଂ ଜ୍ୟୋତି ପ୍ରକାଶ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ଉଦ୍‌ଘାଟନ କରି ଅବସରପ୍ରାପ୍ତ ମୁଖ୍ୟ ଶାସନ ସଚିବ ତଥା ସାହିତ୍ୟିକ ସହଦେବ ସାହୁ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସମୟାନୁବର୍ତ୍ତୀ ହେବାକୁ ପରାମର୍ଶ ଦେଇଥିଲେ। ଏଥିସହ ପିତାମାତା ଓ ଗୁରୁଜନଙ୍କୁ ସମ୍ମାନ ଦେଲେ ଉଚ୍ଚ ମଣିଷ ହୋଇପାରିବ ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ ଆଧାତ୍ମିକ ପ୍ରବକ୍ତା ପଣ୍ଡିତ ବୀରେନ୍ଦ୍ର ପଣ୍ଡା ଯୋଗଦେଇ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ସକାଳୁ ଉଠି ଭଗବାନଙ୍କୁ ପ୍ରାର୍ଥନା କରିବା ଓ ଗୁରୁଜନଙ୍କୁ ପ୍ରଣାମ କରିବା ଉଚିତ। ଯେଉଁମାନେ ପିତାମାତାଙ୍କୁ ପ୍ରଣାମ କରନ୍ତି, ସେ କେବେ ହାରନ୍ତି ନାହିଁ। ଯିଏ ଆମକୁ ବିନା ମାଗିବାରେ ସବୁକିଛି ଦେଉଛନ୍ତି, ସେହି ଭଗବାନଙ୍କୁ ସବୁବେଳେ ପ୍ରାର୍ଥନା କରିବା ଉଚିତ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାଧାପକ ଯଚିନ୍ଦ୍ର ରାଉତ ଓ ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ଡଃ ଭାଗ୍ୟଧର ସାହୁ ଓ ଅନୁଷ୍ଠାନର ଅଧ୍ୟକ୍ଷ ଡଃ ଶ୍ରୀନିବାସ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଏ ଅବସରରେ ଅନୁଷ୍ଠାନର କୃତୀ ଛାତ୍ରଛାତ୍ରୀଙ୍କ ସହିତ ଅନୁଷ୍ଠାନର ଆଦର୍ଶ ଅଧ୍ୟାପକ ଅଧ୍ୟାପିକାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ରୁଦ୍ରନାରାୟଣ ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଅଧ୍ୟାପକ ଚିନ୍ମୟ ସାହୁ ଧନ୍ୟବାଦ ଦେଇଥିଲେ।

ଦ୍ୱିତୀୟ ଅଧିବେଶନରେ ମୁଖ୍ୟଅତିଥି ଭାବେ ସାହିତ୍ୟିକା ଡଃ ଅପର୍ଣ୍ଣା ମହାନ୍ତି ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ଆଶୀର୍ବାଦ ଏହି ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ମଥା ଉପରେ ଥାଉ ବୋଲି କହି ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ପ୍ରାଧାପକ ଯଚିନ୍ଦ୍ର ରାଉତ ଅଧ୍ୟକ୍ଷତା କରିଥିବାବେଳେ ଅତିଥି ଭାବେ ଅଧ୍ୟକ୍ଷ ଡଃ ଶ୍ରୀନିବାସ ମହାନ୍ତି ଯୋଗଦେଇଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଇଂ ଜ୍ୟୋତି ପ୍ରକାଶ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ରୁଦ୍ରନାରାୟଣ ଦାସ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟାପକ ଚିନ୍ମୟ ଓଝା ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ଦେବାଶିଷ ଓଝା, ଅବିନାଶ ବେହେରା, ଶିବସୁନ୍ଦର ଦାସ, ପ୍ରୀତିପର୍ଣ୍ଣା ବିଶ୍ୱାଳ ଓ ସ୍ନେହଲତା ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ଦୁଲାମଣି ପଣ୍ଡା
ଆବିର୍ଭାବ - ୨୦/୧୨/୧୯୩୯
ତିରୋଧାନ - ୧୦/୦୧/୨୦୨୫
ପଣ୍ଡାଳମ, ବାଙ୍କୀ, କଟକ

ଚାହିଁ ଚାହିଁ ଏଗାର ଦିନ ବିତିଗଲା ।
ଆପଣଙ୍କର ଶ୍ରଦ୍ଧା ଓ ସ୍ନେହକୁ ଆମ୍ଭେମାନେ ସର୍ବଦା ମନେ ରଖିବୁ ।
ଆପଣଙ୍କ ଅମର ଆତ୍ମାର ସଦଗତି ପାଇଁ ପ୍ରଭୁଙ୍କ ଚରଣରେ ପ୍ରାର୍ଥନା କରୁଛୁ ।

ଶୋକସନ୍ତପ୍ତ : ପୁଅ - ଦିଲ୍ଲୀପ, ବୋହୂ- କାଦମ୍ବିନୀ, ନାତି- ଚଗଲା, ନାତୁଣୀ - ଲାଲି, ଝିଅ - ସୌଦାମିନୀ, ବିକାସ, ଲତା, ନମିତା, ଜ୍ୱାଇଁ - ଦେବରାଜ ଓ ବୈକୁଣ୍ଠ ଆତ୍ମୀୟ ପରିବାରର ବର୍ଗ ସମେତ

### ଚାନ୍ଦିପୁର ରେଞ୍ଜର ୫ଟି ସ୍ଥାନକୁ ଆସିଛନ୍ତି ୧୬ ହଜାର ୭୫୦ ପକ୍ଷୀ

# ଚଳିତବର୍ଷ କମିଲା ପକ୍ଷୀଙ୍କ ଆଗମନ

ବାଲେଶ୍ୱର, ୧୯।୧(ସମିସ)





ବାଲେଶ୍ୱର ବନଖଣ୍ଡରେ ଶେଷ ହୋଇଛି ଶୀତ ଦିନିଆ ଜଳପ୍ରପାତ ପକ୍ଷୀ ଗଣନା। ପ୍ରତିବର୍ଷ ପରି ଚଳିତବର୍ଷ ମଧ ବନଖଣ୍ଡ ବିଭାଗ ପକ୍ଷରୁ ବାଲେଶ୍ୱର ଜିଲ୍ଲାର ୫ଟି ରେଞ୍ଜ୍‌ରେ ପକ୍ଷୀମାନଙ୍କ ଗଣନା କରାଯାଇଛି। ସବୁ ରେଞ୍ଜ୍ ଅପେକ୍ଷା ଚାନ୍ଦିପୁର ରେଞ୍ଜ୍‌କୁ ପ୍ରତିବର୍ଷ ଅଧିକ ପକ୍ଷୀଙ୍କ ଆଗମନ ହୋଇଥାଏ। ଏମିତିକି ଗତବର୍ଷ ଅର୍ଥାତ୍ ୨୦୨୪ରେ ଚାନ୍ଦିପୁରରୁ ସର୍ବାଧିକ ପକ୍ଷୀ ଆସିଥିବା ଗଣନାରୁ ଜଣାପଡ଼ିଥିଲା। ଯାହା ୨୦୨୩ ବର୍ଷର ରେକର୍ଡ ଭାଙ୍ଗିଥିଲା। ମାତ୍ର ଚଳିତବର୍ଷ ଚାନ୍ଦିପୁରକୁ ପକ୍ଷୀଙ୍କ ଆଗମନ ସଂଖ୍ୟା କମିଯାଇଛି। ଚଳିତବର୍ଷ ଚାନ୍ଦିପୁରକୁ ସମୁଦାୟ ୧୬ ହଜାର ୭୫୦ ପକ୍ଷୀ ଆସିଥିବା ଗଣନାରୁ ଜଣାଯାଇଛି। ୨୦୨୪ରେ ଚାନ୍ଦିପୁର ରେଞ୍ଜକୁ ୨୧ ହଜାର ୨୩୭ ପକ୍ଷୀ ଆସିଥିଲେ।

ସୂଚନାଯୋଗ୍ୟ, ପକ୍ଷୀ ରାବରେ ମୁଖରିତ ହୁଏ ବାଲେଶ୍ୱରର ସମୁଦ୍ର କୂଳ, ହ୍ରଦ, ଜଙ୍ଗଲ, ନଦୀ ଓ ମୁହାଣ। ମାଇଲ ମାଇଲ ରାସ୍ତା ଅତିକ୍ରମ କରି ବିଦେଶୀ ପକ୍ଷୀ ବାଲେଶ୍ୱରରେ ପହଞ୍ଚିଛି। ସେମାନଙ୍କ ପାଇଁ ପରିବେଶ ବେଶ୍ ଖାପ ଖାଉଥିବାରୁ ପ୍ରତିବର୍ଷ ଏଠାକୁ ହଜାର ହଜାର ପକ୍ଷୀଙ୍କ ଆଗମନ ହୋଇଥାଏ। ଏବର୍ଷ ଶୀତଦିନିଆ ଜଳପ୍ରପାତ ପକ୍ଷୀ ଗଣନା ବାଲେଶ୍ୱରର ୫ଟି ରେଞ୍ଜ୍ ଜଳେଶ୍ୱର, ଚାନ୍ଦିପୁର, ନୀଳଗିରି, କୁଲଡ଼ିହା ଓ ସୋରରେ ଅନୁଷ୍ଠିତ ହୋଇଯାଇଛି। ଜଳେଶ୍ୱର ରେଞ୍ଜର ମୂରଲିଛଡା, ସୁବର୍ଣ୍ଣରେଖା ରିଭର୍ ମାଉଥ୍ ଓ ତାଳସାରି କ୍ରିକ୍, ନୀଳଗିରି ରେଞ୍ଜ୍ ର ପଦ୍ମତୋଳା ଲେକ୍ ଓ ଅନ୍ୟ ଜଳପ୍ରପାତ, କୁଲଡ଼ିହାରେ ରିସିଆ, ଖୁମକୁଟ ଓ ବଗାଳିବନ୍ଧ, ସୋର ରେଞ୍ଜର ସିନ୍ଧୁଆ ଏମଆଇପି, ବଣପୋରିଆ ପଣ୍ଡ ଓ ଶୋଳଭଉଣୀ ଡ୍ୟାମରେ ପକ୍ଷୀ ଗଣନା କରାଯାଇଥିବା ବେଳେ ଚାନ୍ଦିପୁର ରେଞ୍ଜର ଆଇଟିଆର (ନିସର୍ଗ ପକ୍ଷୀ ଅଭୟାରଣ୍ୟ), ପରିଖିସ୍ଥିତ ବାହାବଳପୁର ନଦୀ ମୁହାଣ, ରୂପଖଣ୍ଡ, ଚଉମୁଖ ଓ କଣ୍ଟିଆଚିରାରେ ପକ୍ଷୀ ଗଣନା କରାଯାଇଛି। ଚାନ୍ଦିପୁର ରେଞ୍ଜର ୫ଟି ସ୍ଥାନରେ ୫ ଟି ଗ୍ରୁପ୍ ପକ୍ଷୀ ଗଣନା କରିଛନ୍ତି। ଯେଉଁଥିରେ ୨୭ ଜଣ ଅଂଶଗ୍ରହଣ କରିଥିଲେ। ୪୭ ପ୍ରଜାତିର ପକ୍ଷୀ ଏବର୍ଷ ଚାନ୍ଦିପୁର ରେଞ୍ଜକୁ ଆସିଥିବା ବେଳେ ସମୁଦାୟ ୧୬ ହଜାର ୭୫୦ ପକ୍ଷୀଙ୍କ ଆଗମନ ହୋଇଛି। ଚାନ୍ଦିପୁର ଆଇଟିଆର ନିସର୍ଗ ପକ୍ଷୀ ଅଭୟାରଣ୍ୟକୁ ୧୪ ହଜାର ୧୭୧, ବାହାବଳପୁରକୁ ୪୫୦, କଣ୍ଟିଆଚିରାକୁ ୪୮୪, ରୂପଖଣ୍ଡକୁ ୧୪୪୨ ଏବଂ ଚଉମୁଖକୁ ୨୦୩ ଟି ପକ୍ଷୀ ଆସିଥିବା ଜଣାପଡ଼ିଛି। ଚାନ୍ଦିପୁର ରେଞ୍ଜରେ ପକ୍ଷୀ ଗଣନା ସମୟରେ ଡିଏଫଓ ଖୁସବନ୍ତ ସିଂ, ଏସିଏଫ ଜୟଶ୍ରୀ ମୁର୍ମୁ, ଫରେଷ୍ଟର ଦେବରାଜ ରାଉତ, ସସ୍ମିତା ଶିଅଳ, ମନୋଜ ଧଡା, ରାମେଶ୍ୱର ମୁର୍ମୁ, ମିନତୀ ମାଝୀ, ସାଗରିକା ସିଂ, ଝାନସି ରାଣୀ ଭୂୟାଁ, ଫରେଷ୍ଟ ଗାର୍ଡ ଶଶାଙ୍କ ଶେଖର ଜେନା, ହିମାଂଶୁ ଶେଖର ପାଢ଼ୀ, ସ୍ମିତ ପ୍ରଜ୍ଞା ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ୱାଇଲ୍ଡ ଲାଇଫ୍ ୱାର୍ଡେନ୍ ଅଶ୍ୱିନୀ କୁମାର ଦାସ, ବାର୍ଡ ଏକ୍ସପୋର୍ଟ ଡ. ବିଶ୍ୱଜିତ ପଣ୍ଡା ପକ୍ଷୀ ଗଣନା କରିଥିଲେ। ବାଇନାକୁଲାର ଓ କ୍ୟାମେରା ସହଯୋଗରେ ଦିନିକିଆ ପକ୍ଷୀ ଗଣନା କରାଯାଇଛି। ତେବେ ବାଲେଶ୍ୱର ବନଖଣ୍ଡରେ ହୋଇଥିବା ପକ୍ଷୀ ଗଣନାର ସମ୍ପୂର୍ଣ୍ଣ ରିପୋର୍ଟ ଆସନ୍ତାକାଲି ଆସିବ ବୋଲି ଜଣାପଡ଼ିଛି। ପ୍ରକାଶ ଥାଉ କି, ୨୦୨୩ ମସିହାରେ ବାଲେଶ୍ୱରକୁ ୨୯ ହଜାର ୮୫୬ ଟି ପକ୍ଷୀ ଆସିଥିବା ବେଳେ ୨୦୨୪ରେ ୩୭ ହଜାର ୫୭୭ ପକ୍ଷୀ ଆସିଛନ୍ତି।

## ନୃତ୍ୟାୟନର ବାର୍ଷିକ ଉତ୍ସବ



ବାଲେଶ୍ୱର, ୧୯।୧(ସମିସ): ସହରର ଅଗ୍ରଣୀ ଅନୁଷ୍ଠାନ ନୃତ୍ୟାୟନର୨୨ତମ ବାର୍ଷିକ ଉତ୍ସବ ସ୍ଥାନୀୟ ଗାନ୍ଧୀସ୍ମୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଅନନ୍ତବାସୁଦେବ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଚାନ୍ଦିପୁର ସ୍ଥିତ ପିଏକ୍ସଇର ଯୁଗ୍ମ ନିର୍ଦ୍ଦେଶକ କର୍ଣ୍ଣେଲ ଗୁଣାକାର ବାରିକ ଯୋଗଦେଇ ମତ ରଖିଥିଲେ। ଅନୁଷ୍ଠାନର ଉପଦେଷ୍ଟା ତଥା ମୁଖ୍ୟବକ୍ତା କବି ପ୍ରଶାନ୍ତ ଦାସ ଯୋଗଦେଇ ନିଜର ମତ ରଖିଥିଲେ। ଅନୁଷ୍ଠାନର ସମ୍ପାଦକ ତଥା ପ୍ରତିଷ୍ଠାତା ନୃତ୍ୟ ଗୁରୁ ପ୍ରବୀଣ କୁମାର ବେହେରା ମଞ୍ଚାସୀନ ହୋଇ ଥିଲେ। ଏହି ବାର୍ଷିକ ଉତ୍ସବ ଅବସରରେ ସହରର ସୁନାମଧନ୍ୟ ଶାସ୍ତ୍ରୀୟ ସଙ୍ଗୀତ ଗାୟିକା ଓ ଶିକ୍ଷୟିତ୍ରୀ ସୁଶ୍ରୀ ମାଳା ନାଥ ଓ ସୁନାମଧନ୍ୟ ତବଲା ବାଦକ ମନୋରଞ୍ଜନ ପ୍ରଧାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଜିତାନନ୍ଦ ଦେବଗୋସ୍ୱାମୀ ଓ ଡ ସୋନାଲି ମିଶ୍ର ମଞ୍ଚ ପରିଚାଳନା କରିଥିଲେ।

## ନିଖିଳ ଓଡ଼ିଶା ଜୀବିକା ମିଶନ ଇସି ସଂଘର ବୈଠକ

ବାଲେଶ୍ୱର, ୧୯।୧(ସମିସ): ଓଡ଼ିଶା ଜୀବିକା ମିଶନର ଡାଇରେକ୍ଟର ତଥା ସିଇଓ ସମସ୍ତ ଜିଲ୍ଲାପାଳଙ୍କୁ ସିଏଲଏଫ ଏବଂ ଜିପିଏଲଏଫ ସ୍ତରରେ ରିଷ୍ଟ୍ରକଚରିଂ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶନାମା ଆସିବା ପରେ ସମଗ୍ର ରାଜ୍ୟରେ ଇସିମାନଙ୍କ ମଧ୍ୟରେ ପ୍ରତିକ୍ରିୟା ଦେଖା ଦେଇଛି। ଏ ନେଇ ନିଖିଳ ଓଡ଼ିଶା ଜୀବିକା ମିଶନ ଇସି ସଂଘର ବାଲେଶ୍ୱର ଜିଲ୍ଲା ସଭାପତି ପ୍ରଭାତୀ ସାହୁଙ୍କ ସଭାପତିତ୍ୱରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସମ୍ପାଦକ ସ୍ମାରକୀ ସ୍ୱାଇଁ, ଜିଲ୍ଲା କୋଷାଧ୍ୟକ୍ଷ ମନୋରମା କମିଳା ବିବରଣୀ ଉପସ୍ଥାନ କରିଥିଲେ। ଏହି ବୈଠକରେ ଏଆଇଟିୟୁସି ରାଜ୍ୟ ସମ୍ପାଦକ ତଥା ନିଖିଳ ଓଡ଼ିଶା ଜୀବିକା ମିଶନ ଇସି ସଂଘର ରାଜ୍ୟ ସଭାପତି ଜୟନ୍ତ ଦାସ ଉଦବୋଧନ ଦେଇ ସରକାରଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ନିକଟକୁ ପଠାଯାଇଥିବା ନିର୍ଦ୍ଦେଶର ଆଲୋଚନା କରି ଜିପିଏଲଏଫ ଓ ସିଏଲଏଫ ଅଡିଟକୁ ଅଭିନନ୍ଦନ ପ୍ରଦାନ କରିଥିଲେ। ସେହିଭଳି ଜିପିଏଲଏଫ ଏବଂ ସିଏଲଏଫର ୭୫ଭାଗରୁ ଅଧିକ ଇସି ଉପସ୍ଥିତ ରହି ଜିପିଏଲଏଫର ସଭାପତି ଓ ସମ୍ପାଦ ରିଷ୍ଟ୍ରକଚରିଂରେ ସଭାପତି ଓ ସମ୍ପାଦକଙ୍କୁ ପରିବର୍ତ୍ତନ କଲାବେଳେ ସଭାପତିଙ୍କୁ ସମ୍ପାଦକ ଓ ସମ୍ପାଦକଙ୍କୁ ସଭାପତି ଭାବେ ପରିବର୍ତ୍ତନ କରିବାକୁ ଶତକଡା ଶହେ ଭାଗ ଇସି ଉପସ୍ଥିତ ରହି ମତ ଦେବା ପାଇଁ ପ୍ରୟାସ କରିବାକୁ ପରାମର୍ଶ ଦେଇଥିଲେ। ଏହା ସମ୍ଭବ ନହେଲେ ଯେଉଁ ସ୍ୱୟଂ ସହାୟକ ଗୋଷ୍ଠୀ ଜେନେରାଲ ବଡି ବୈଠକ ପ୍ରସ୍ତାବ ଅଛି ତାହା ହେଲେ ଏହି ତାଲିମ ପ୍ରାପ୍ତ ମହିଳାମାନଙ୍କ ମଧ୍ୟରୁ କେତେକ ବାଦ ପଡ଼ିଯିବା ତଥା ପ୍ରତ୍ୟେକ ଗ୍ରାମରେ ମହିଳାମାନଙ୍କ ମଧ୍ୟରେ ଅଶାନ୍ତି ସୃଷ୍ଟି ହେବାର ଆଶଙ୍କା ଥିବାରୁ ଏହାକୁ ଏଡାଇବା ପାଇଁ ଆସନ୍ତା୨୧ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ପାଇଁ ଆହ୍ୱାନ ଦେଇଥିଲେ। ବୈଠକରେ ସଂଘର ରାଜ୍ୟ ଉପସଭାପତି ତପନ କୁମାର ସିଟ, ଏଆଇଟିୟୁସି ଜିଲ୍ଲା ସମ୍ପାଦକ ଶ୍ୟାମ ସୁନ୍ଦର ଜେନା, ଜୟନ୍ତ ମହାନ୍ତି, ଆଶୁତୋଷ ପରିଡ଼ା, ବିଜୟ ସେଠୀ, କବିତା ପାଲ, ଲକ୍ଷ୍ମୀପ୍ରିୟା ଦାସ, ମମତାରାଣୀ ଦାସଙ୍କ ସମେତ ପ୍ରତି ବ୍ଲକରୁ ସଦସ୍ୟାମାନେ ଉପସ୍ଥିତ ଥିଲେ।

## ହିନ୍ଦୁ ନବବର୍ଷ ପାଳନ ଉପଲକ୍ଷେ ପ୍ରତିଯୋଗିତା

ବାଲେଶ୍ୱର, ୧୯।୧(ସମିସ): ଚଳିତ ବର୍ଷ ମାର୍ଚ୍ଚ ୩୦ରେ ହିନ୍ଦୁ ନବବର୍ଷ ପାଳନ ଉପଲକ୍ଷେ ବାଲେଶ୍ୱରର ହିନ୍ଦୁ ନବବର୍ଷ ଉତ୍ସବ କମିଟି ପକ୍ଷରୁ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟଛାତ୍ରଛାତ୍ରୀଙ୍କ ମଧ୍ୟରେ ଭାରତୀୟ ସଂସ୍କୃତି ପରମ୍ପରା ଆଧାରିତ ବୌଦ୍ଧିକ ପ୍ରତିଯୋଗିତା ସ୍ଥାନୀୟ ଷ୍ଟେସନ ରୋଡ ସ୍ଥିତ ଝାଡେଶ୍ୱର ଇଂଟରନାସନାଲ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସହରର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ପୂର୍ବ ପଞ୍ଜିକୃତ ମୋଟ ୧୧୪ଜଣ ପରୀକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ। ଚାନ୍ଦିପୁରସ୍ଥିତ ଆଇଟିଆରର ବୈଜ୍ଞାନିକ ସରୋଜ କୁମାର ପଟ୍ଟନାୟକ, ଟାଉନ ଥାନା ଆଇଆଇସି ଅଶୋକ କୁମାର ନାୟକ, ଯୁବ ସଂଗଠକ ସାହିରୁଲ ହକ୍, ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ ପ୍ରମୁଖ ଏଥିରେ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। କମିଟିର ବରିଷ୍ଠ କର୍ମକର୍ତ୍ତା ସୁଧାକର ପାଢ଼ୀ, ସଞ୍ଜୟ ମହାପାତ୍ର, ରାମକୃଷ୍ଣ ବେହେରା, କର୍ଣ୍ଣେଲ କ୍ଷେତ୍ରମୋହନ ମହାପାତ୍ର, ମଧୁସୁଦନ ହୋତା, ଆଲୋକ ପଣ୍ଡା ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ।

## ଗୋରୁ ବୋଝେଇ ପିକ୍‌ଅପ୍ ଜବତ

ରାଜଘାଟ, ୧୯।୧ (ସମିସ): ବସ୍ତା ଥାନା ୧୬ ନମ୍ବର ଜାତୀୟ ରାଜପଥର ଭେଲୋରା ବାଇପାସ ନିକଟରୁ ଏକ ଗୋରୁ ବୋଝେଇ ପିକଅପକୁ ଜାତୀୟ ରାଜପଥ ପହରା ପୁଲିସ ଜବତ କରିବା ସହ ଘଟଣା ସ୍ଥଳରୁ ଚମ୍ପଟ୍ ମାରିବାକୁ ଉଦ୍ୟମ କରୁଥିବା ଗାଡ଼ିର ଚାଳକକୁ କାବୁ କରି ସ୍ୱତନ୍ତ୍ର ସ୍କ୍ୱାଡ୍‌କୁ ହସ୍ତାନ୍ତର କରିଛି। ଭଦ୍ରକରୁ ପଶ୍ଚିମବଙ୍ଗ ଅଭିମୁଖେ ଏକ ପିକଅପରେ ଗୋବଂଶ ଚାଲାଣ ହେଉଥିବା ସମୟରେ ପୁଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ପିଛା କରୁଥିବା ଖବର ବସ୍ତା ପୁଲିସ ଠାରୁ ସୂଚନା ପାଇ ଉକ୍ତ ପିକଅପଟିକୁ କାବୁ କରିବା ପାଇଁ ଜାତୀୟ ରାଜପଥ ପହରା ପୁଲିସ ଭେଲୋରା ବାଇପାସ ନିକଟରେ ଡେରା ପକାଇଥିଲା। ଚାଳକ ଜଣକ ଜାତୀୟ ରାଜପଥ ପହରା ପୁଲିସକୁ ଦେଖି ଛକର ଅନତି ଦୂରରେ ଗାଡ଼ିଟିକୁ ଛିଡ଼ା କରିଦେଇ ବିଲ ଦେଇ ଖସିପଳାଇବାକୁ ଉଦ୍ୟମ କରୁଥିବା ସମୟରେ ପୁଲିସ ତାକୁ କାବୁ କରିନେଇଥିଲା। ପରେ ସ୍ୱତନ୍ତ୍ର ସ୍କ୍ୱାର୍ଡ ପହଞ୍ଚି ଗାଡ଼ି ଓ ଚାଳକକୁ ଗିରଫ୍ କରିଥିବା ବେଳେ ସମସ୍ତ ଗୋବଂଶକୁ ଉଦ୍ଧାର କରି ବାମପଦା ଗୋଶାଳାରେ ଛାଡ଼ିଥିବା ଜଣାଯାଇଛି। ପିକଅପରେ ପାଖା ପାଖି ୧୫ରୁ ଅଧିକ ଗୋରୁ ଥିବା ଜାତୀୟ ରାଜପଥ ପାଟ୍ରୋଲିଂ ପୁଲିସ ସବ୍‌ଇନ୍‌ସପେକ୍ଟର ପ୍ରତାପ ଚନ୍ଦ୍ର କର ସୂଚନା ଦେଇଛନ୍ତି।

## ବାବା ଆଖଣ୍ଡଳମଣିଙ୍କ ବାର୍ଷିକୋତ୍ସବ

ରାଜଘାଟ, ୧୯।୧ (ସମିସ): ବସ୍ତା ବ୍ଲକ ଅନ୍ତର୍ଗତ ଅମର୍ଦ୍ଧାରୋଡ ଆଞ୍ଚଳିକ ଭକ୍ତବୃନ୍ଦ ଓ ଭଜନ କୀର୍ତ୍ତନ ମଣ୍ଡଳୀ ଆନୁକୂଲ୍ୟରେ ଆୟୋଜିତ ବାବା ଆଖଣ୍ଡଳମଣି(ବାବାମଣି)ଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ପୂଜକ ପ୍ରସନ୍ନ କୁମାର ମିଶ୍ର ଯୋଗ ଦେଇଥିଲା ବେଳେ ଅନ୍ୟ ପୂଜକଙ୍କ ମଧ୍ୟରେ ସୁରେଶ ମିଶ୍ର, ତପନ କୁମାର ମିଶ୍ର, ସପନ କୁମାର ମିଶ୍ର, ନିଳାଦ୍ରୀ ବିହାରୀ ମିଶ୍ର ପ୍ରମୁଖ ଯୋଗ ଦେଇ ହୋମ ଯଜ୍ଞ ସହ ପୂଜାର୍ଚ୍ଚନା କରିଥିଲେ। ସନ୍ଧ୍ୟାରେ ମଙ୍ଗଳ ଆଳତୀ ଦର୍ଶନ ପାଇଁ ଭକ୍ତଙ୍କର ଗହଳି ଲାଗି ରହିଥିଲା। ସଭାପତି ସୀତାରାମ ରାଉଳ, ଉପ ସଭାପତି ରାଜେନ୍ଦ୍ର ରାଉଳ, କୋଷାଧ୍ୟକ୍ଷ ରଘୁନାଥ ଦତ୍ତ, ଉପଦେଷ୍ଟା ପ୍ରଦୀପ ବେହେରା, ମହେଶ୍ୱର ସେନାପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ମା’ ବାମକାଳୀ କ୍ରିକେଟ ଉଦ୍‌ଘାଟିତ

ଖଇରା, ୧୯।୧ (ସମିସ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ କାକୁଡିଆ ମିନି ଷ୍ଟାଡିୟମରେ ରବିବାର ଦିନ ମା’ ବାମକାଳୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇ ଯାଇଛି। ଉଦ୍‌ଘାଟନୀ ଦିବସର୨ମ୍ୟାଚ ମଧ୍ୟରୁ ପ୍ରଥମ ମ୍ୟାଚରେ ସୋର ବ୍ଲେଣ୍ଡର ବାଲେଶ୍ୱରକୁ ଓ ଦ୍ୱିତୀୟ ମ୍ୟାଚରେ ସୋର ରେଲୱେ ଅନ୍ତରା ଟିମ୍‌କୁ ପରାସ୍ତ କରି ସେମି ଫାଇନାଲ ଖେଳିବାର ଯୋଗ୍ୟତା ଅର୍ଜନ କରିଛି। ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଏହି ଟୁର୍ନାମେଣ୍ଟର ଉଦ୍‌ଘାଟନ କରିଥିବା ବେଳେ ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର ଓ ସରପଞ୍ଚ ଦୟାନିଧି ନାୟକ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ମା’ ବାମକାଳୀ କ୍ଲବର ସଦସ୍ୟ ଶିଶିର କୁମାର ନାୟକ, ପଦ୍ମଲୋଚନ ଲେଙ୍କା, ପ୍ରଫୁଲ୍ଲ ଲେଙ୍କା, ସ୍ୱପ୍ନେଶ୍ୱର ଲେଙ୍କା, ଆକାଶ ରାଉତ, ଶମ୍ଭୁନାଥ ନାୟକ, ଦିବାକର ନାୟକ, ଦିପକ ନାୟକ, ବାବୁ ଲେଙ୍କା, ଅଜୟ ରାଉତ ସହଯୋଗ କରିଥିଲେ।

## ହାତିଗଡ଼ ଡାକ୍ତରଖାନାରେ ଲାଗିଲା ନୂଆ ଇସିଜି ମେସିନ

ରାଇବଣିଆ, ୧୯।୧ (ସମିସ): ବାଲେଶ୍ୱର ଜିଲ୍ଲାର ଏକ ଉପାନ୍ତ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ଜଳେଶ୍ୱରର ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କ ବିଧାୟକ ଉନ୍ନୟନ ପାଣ୍ଠିରୁ ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଏକ ଇସିଜି ମେସିନ ପ୍ରଦାନ କରିଛନ୍ତି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ଜଳେଶ୍ୱର ପଞ୍ଚାୟତ ସମିତିର ଅଧ୍ୟକ୍ଷ ମାନସ ଜେନା, କାଳିକ ଗ୍ରାମ ପଞ୍ଚାୟତର ଯୁବ ନେତା ଗଙ୍ଗାଧର ଦାସ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସୁପରିଣ୍ଟେଣ୍ଡେଣ୍ଟ ଡା. ଭୀଷ୍ମ ପରିଡ଼ା, ପବ୍ଲିକ ହେଲଥ ଅଫିସର ଫକିର ମୋହନ ପ୍ରଧାନ, ବିପିମ୍ ସ୍ମିତା ପ୍ରାମାଣିକ ପ୍ରମୁଖ ଉପସ୍ଥିତି ଥିଲେ।

# ମହିଳାଙ୍କୁ ରୋଜଗାର ଦେଇଛି କଣ୍ଢେଇ

ବାଲେଶ୍ୱର, ୧୯।୧(ସମିସ)



ବାଲେଶ୍ୱର ଜିଲ୍ଲା ସଦର ବ୍ଲକ ରଣସାହି ଗ୍ରାମରେ ରହିଛି ଲକ୍ଷ୍ମୀ ନାରାୟଣ ଟେଡି ୱାର୍କ। ଏହି ଗ୍ରୁପର ସଦସ୍ୟାମାନେ ନିଜ ହାତରେ ତିଆରି କରୁଛନ୍ତି ସୁନ୍ଦର ସୁନ୍ଦର କଣ୍ଢେଇ। ସଫ୍ଟଟୟ ଏବଂ ମନଲୋଭା ଘର ସଜାଇବା ସାମଗ୍ରୀ। ଯାହାକି ଲୋକଙ୍କ ଭିତରେ ବେଶ ଆଦୃତ ହୋଇ ପାରିଛି।

୨୦୧୮ ମସିହାରେ ପ୍ରଥମେ ଦଶ ଜଣ ସଦସ୍ୟାଙ୍କୁ ନେଇ ଗଠିତ ହୋଇଥିଲା ଏହି ଗ୍ରୁପ। ଏବେ ଏହାର ସଦସ୍ୟାଙ୍କ ସଂଖ୍ୟା ବୃଦ୍ଧି ପାଇ ୩୫ରେ ପହଁଚିଛି। ସେମାନେ ଘର କାମ ସାରି ୪ରୁ ୫ଘଣ୍ଟା ପରିଶ୍ରମ କରି ନିଜ ହାତରେ ତିଆରି କରୁଛନ୍ତି କଣ୍ଢେଇ ଠାରୁ ଆରମ୍ଭ ଅନ୍ୟାନ୍ୟ ସାମଗ୍ରୀ। ଯାହାକୁ ବଜାରରେ ବିକ୍ରି କରି ବେଶ୍ ଦୁଇ ପଇସା ରୋଜଗାର କରିପାରିବା ସହ ନିଜର ପରିବାର ଚଳାଇ ପାରୁଛନ୍ତି। ଏ ନେଇ ଗ୍ରୁପର ସଭାପତି ରଶ୍ମିତା ମଲ୍ଲିକ କହିଛନ୍ତି ଯେ, ପ୍ରଥମେ ବ୍ଲକ ତରଫରୁ କଣ୍ଢେଇ ତିଆରି ପାଇଁ ଟ୍ରେନିଂ ନେଇଥିଲୁ। ପରେ ଅନ୍ୟ ସଦସ୍ୟାମାନଙ୍କୁ କଣ୍ଢେଇ ତିଆରି କରିବାର କୌଶଳ ସମ୍ପର୍କରେ ଶିଖାଇଥିଲେ। ସଦସ୍ୟାମାନେ ବ୍ୟାଙ୍କରୁ ଲୋନ ଆଣି ନିଜ ଦ୍ୱାରା ପ୍ରସ୍ତୁତ ହସ୍ତକଳାକୁ ପ୍ରଦର୍ଶନୀରେ ବିକ୍ରି କରି କୋଡିଏ ହଜାର ଟଙ୍କା ପାଇଥିଲେ। ପ୍ରଥମ ରୋଜଗାର ସେମାନଙ୍କର ମନୋବଳକୁ ଅଧିକ ବଢ଼ାଇ ଦେଇଥିଲା। ଧୀରେ ଧୀରେ ଏହି ଗ୍ରୁପର ସଦସ୍ୟାମାନେ ସଫ୍ଟଟୟ, ଆଇସକ୍ରିମ କାଠିରେ ଅନେକ ପ୍ରକାର ଘର ସଜାଇବା ସାମଗ୍ରୀ ତିଆରି କରି ତାହାକୁ ବିକ୍ରି କରି ଅଧିକ ଆୟ କରିବାକୁ ସକ୍ଷମ ହୋଇ ପାରୁଛନ୍ତି। ଏବେ ସେଗୁଡ଼ିକୁ ଜନ୍ମଦିନ ସହ ବିଭିନ୍ନ କାର୍ଯ୍ୟକ୍ରମରେ ଲୋକେ ଉପହାର ଦେବା ପାଇଁ ଲୋକେ ପସନ୍ଦ କଲେଣି। ଫଳରେ ସେମାନଙ୍କ ରୋଜଗାର ମଧ ବଢ଼ିବାରେ ଲାଗିଛି। ଏହା କେବଳ ସମ୍ଭବ ହୋଇଛି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଇଁ; ସେ ମିଶନଶକ୍ତି ମାଧମରେ ସ୍ୱୟଂ ସହାୟିକା ଗୋଷ୍ଠୀ ନିର୍ମାଣ କରି ମହିଳାମାନଙ୍କୁ ସ୍ୱାବଲମ୍ବୀ ହେବା ଶିଖାଇଛନ୍ତି। ଅନ୍ୟପଟେ ବଜାର ଦର ବଢ଼ିବା ସାଙ୍ଗକୁ କଞ୍ଚାମାଲର ଦର ମଧ ବଢ଼ିଲାଣି। ଜିଲ୍ଲା ବାହାରେ ହେଉଥିବା ପ୍ରଦର୍ଶନୀରେ ଭାଗନେବା ସହ ରିହାତି ଦରରେ କଞ୍ଚାମାଲ ଯୋଗାଇ ଦେବା ଲାଗି ପ୍ରଶାସନିକ ସ୍ତରରେ ଉଦ୍ୟମ କରାଗଲେ ହସ୍ତକଳାର ଚାହିଦା ବଢ଼ି ପାରନ୍ତା ବୋଲି ସେ କହିଛନ୍ତି। ବାଲେଶ୍ୱରରେ ଚାଲିଥିବା କୋଶମ୍ବ ମେଳାରେ ମହିଳାମାନେ ଷ୍ଟଲ ପକାଇଛନ୍ତି। ଏହି କୋଶମ୍ବ ମେଳା ପରେ ଆସନ୍ତା୨୧ତାରିଖଠାରୁ ଏକ୍ସପୋ ଓଡ଼ିଶା ମଧ ଆୟୋଜିତ ହେବ। ଏଥିପାଇଁ ଗ୍ରୁପର ସଦସ୍ୟା ମାନେ ହସ୍ତକଳା ପ୍ରସ୍ତୁତିରେ ଲାଗିଛନ୍ତି।

## ପଥ ବିକ୍ରେତା ସଂଘ ସମ୍ପାଦକଙ୍କ ଶ୍ରଦ୍ଧାଞ୍ଜଳି ସଭା



ବାଲେଶ୍ୱର, ୧୯।୧(ସମିସ): ବାଲେଶ୍ୱର ଉଠା ଦୋକାନୀ ସଂଘର ସମ୍ପାଦକ ମୋହିନୀ ମୋହନ ପରିଡ଼ାଙ୍କ ସ୍ମୃତି ଉଦ୍ଦେଶ୍ୟରେ ପଥ ବିକ୍ରେତା ସଂଘ ଓ ନ୍ୟାସନାଲ ହକର ଫେଡେରେସନ ପକ୍ଷରୁ ଆଜି ସ୍ଥାନୀୟ ସିନେମା ଛକ ଶହୀଦ ପାର୍କଠାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ବାଲେଶ୍ୱର ପଥବିକ୍ରେତା ସଂଘ କାର୍ଯ୍ୟକାରୀ ସଭାପତି ଆବିଦ ଖାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ନ୍ୟାସନାଲ ହକର ଫେଡେରେସନର ଅତିରିକ୍ତ ସାଧାରଣ ସମ୍ପାଦକ, ଓଡ଼ିଶା ପଥ ବିକ୍ରେତା ସଂଘର ସଭାପତି ତଥା ଏଆଇଟିୟୁସି ରାଜ୍ୟ ସମ୍ପାଦକ ଜୟନ୍ତ ଦାସ ଯୋଗଦେଇ ମୋହିନୀ ମୋହନଙ୍କ ସ୍ମୃତିଚାରଣ କରିଥିଲେ। ଶ୍ରଦ୍ଧାଞ୍ଜଳି ସଭାରେ ଏଆଇଟିୟୁସି ରାଜ୍ୟ ଉପସଭାପତି ଗୌରାଙ୍ଗ ପାଣିଗ୍ରାହୀ, ଜିଲ୍ଲା ସମ୍ପାଦକ ଶ୍ୟାମସୁନ୍ଦର ଜେନା, ଆଇନଜୀବୀ ଅବଦୁଲ ରଫିକ, ସାହିରୁଲ ହକ, ଭିଟାମାଟି ସୁରକ୍ଷା ଆନ୍ଦୋଳନର ଅରୁଣ ଜେନା, କମ୍ୟୁନିଷ୍ଟ ପାର୍ଟି ନେତା ଯତୀନ କୁମାର ପାତ୍ର, ଅଭିରାମ ବାରିକ, ପାୱାର ଏମ୍ପ୍ଲୋଇଜ ୟୁନିୟନର ଭରତ ସେଠୀ, ହରପ୍ରିୟା ଦେ, ଜୟନ୍ତୀ ଦାସ, ଟିପିରୀ ସିଂ, ବନ୍ଦନା ପାତ୍ର, ପୂର୍ଣ୍ଣ ଦାସ, ଗୋକୁଳାନନ୍ଦ ଜେନା, ମନୋଜ ରାଠୋର, ଅଜିତ ଦତ୍ତ, ସେକ ଇସ୍ଲାମ, ଅନିଲ ମାଝୀ, ଇମତିଆଜ ଖାନ, ଘନଶ୍ୟାମ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ‘ଆମ ପରମ୍ପରା ଟ୍ରଷ୍ଟ’ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା

ବାଲେଶ୍ୱର, ୧୯।୧(ସମିସ): ଯୁବ ସାମ୍ବାଦିକ ତଥା ଟ୍ରଷ୍ଟର ସଦସ୍ୟ ଶୁଭଙ୍କର ପିରିଙ୍କ ବିୟୋଗରେ ଆମ ପରମ୍ପରା ଟ୍ରଷ୍ଟ ପକ୍ଷରୁ ବାଲିଆସ୍ଥିତ ଉତ୍ସର୍ଗ ବୃଦ୍ଧାଶ୍ରମଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ବିକର୍ତ୍ତନ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପ୍ରଥମେ ନିରବ ପ୍ରାର୍ଥନା କରାଯାଇଥିଲା। ସାଧାରଣ ସମ୍ପାଦକ ମୁରଲୀଧର ନାୟକ ଶୁଭଙ୍କର ପିରିଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରତିବର୍ଷ ଜଣେ ଯୁବ ସାମ୍ବାଦିକ ଏବଂ ଅନ୍ୟଜଣେ ସଦସ୍ୟ ମେଜର ବାଳକୃଷ୍ଣ ଦାସଙ୍କ ସ୍ମୃତିରେ ଜଣେ ସୈନିକଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି କହିଥିଲେ। ଉପଦେଷ୍ଟା ବରିଷ୍ଠ ଆଇନଜୀବୀ ହରେକୃଷ୍ଣ ଦାଶ, ପଣ୍ଡିତ ମନ୍ମଥ ମିଶ୍ର, ସତ୍ୟଭାମା ମୁଦୁଲି, ମହେନ୍ଦ୍ର ବେହେରା, ବିଜୟଲକ୍ଷ୍ମୀ ମିଶ୍ର, କଳ୍ପନା ନାୟକ, ଡ. ବିଧିକାରାଣୀ ପଟ୍ଟନାୟକ, କଞ୍ଚମଣି ସ୍ୱାଇଁ, ରାଜିବ କୁମାର ସାମନ୍ତ, ପ୍ରଭାସ କୁମାର ବେହେରା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ୨୮ ରୁ ‘ସ୍ନୋଫେଷ୍ଟ’ର ସପ୍ତମ ସଂସ୍କରଣ

ବାଲେଶ୍ୱର, ୧୯।୧(ସମିସ): ମହୋତ୍ସବ ସ୍ନୋଫେଷ୍ଟର ସପ୍ତମ ସଂସ୍କରଣ ଗାନ୍ଧୀ ସ୍ମୃତି ଭବନଠାରେ ଚଳିତ ମାସ ୨୮, ୨୯, ୩୦ ଓ ୩୧ ତାରିଖରେ ଆୟୋଜିତ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ସ୍ନୋଫେଷ୍ଟ୍ ଅଧ୍ୟକ୍ଷା ତଥା ବସ୍ତା ବିଧାୟିକା ସୁବାସିନୀ ଜେନାଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଆଜି ଆୟୋଜିତ ହୋଇଥିଲା। ପ୍ରଥମଥର ପାଇଁ ୪ ଦିନ ଧରି ଏହି ଉତ୍ସବ ପାଳନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ପୂର୍ବବର୍ଷ ଭଳି ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯିବ। ପାଞ୍ଚୋଟି ବର୍ଗରେ ସମୁଦାୟ ୩୦ଟି ପ୍ରତିଯୋଗିତା ଆୟୋଜନ କରାଯିବ। ନାମ ପଞ୍ଜୀକରଣ ପ୍ରକ୍ରିୟା ୨୪ରୁ ୨୬ ତାରିଖ ପର୍ଯ୍ୟନ୍ତ ଗାନ୍ଧି ସ୍ମୃତି ଭବନ ସମ୍ମୁଖରେ କରାଯିବ। ଗତ ଗଣେଶ ପୂଜାରେ ହୋଇଥିବା ୫ ‘ଶ୍ରେଷ୍ଠ ପ୍ରତିମା’ ପାଇଁ କ୍ଲବ୍‌ଗୁଡ଼ିକୁ ସମ୍ମାନିତ କରାଯିବ। କାର୍ଯ୍ୟକ୍ରମରେ ସ୍ନୋଫେଷ୍ଟର ଉପଦେଷ୍ଟା ତଥା ପ୍ରଯୋଜକ ଦେବଜ୍ୟୋତି ଦାସ ମହାପାତ୍ର, ସଂଯୋଜକ ଋତ୍ୱିକ ଜି, ମୁଖ୍ୟ ଉପଦେଷ୍ଟା ଶାନ୍ତନୁ ଦାସ, ପ୍ୟାଟ୍ରୋନ ଶିବ ସୁନ୍ଦର ଦାସ, ଉପଦେଷ୍ଟା ରଞ୍ଜିତା ମହାପାତ୍ର ପ୍ରଯୋଜକ ଦିବ୍ୟଜ୍ୟୋତି ମହାନ୍ତି, ଉପସଭାପତି ଅଭିଜିତ ବିଶ୍ୱାଳ, ସାଂସ୍କୃତିକ ସମ୍ପାଦକ ବିଭୁପାଦ ମହାନ୍ତି, କୋଷାଧ୍ୟକ୍ଷ ଅନିଲ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀରାମ ଚରିତ ମାନସ ପାରାୟଣ

ବାଲେଶ୍ୱର, ୧୯।୧(ସମିସ): କୁରୁଡା ଶ୍ରୀରାମ ଚରିତ ମାନସ କମିଟି ଆନୁକୂଲ୍ୟରେ ୧୯ ତମ ପାରାୟଣ ଓ ଜ୍ଞାନଯଜ୍ଞ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ସାବିତ୍ରୀ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବକୁ ସମାଜସେବୀ ଧୀରେନ୍ଦ୍ର କୁମାର ମହାପାତ୍ର ଉଦଘାଟନ କରିଥିଲେ। ଏହି ଉଦଘାଟନୀ ସଭାରେ କମିଟି ସମ୍ପାଦକ ଶରତ କୁମାର ଜେନା, ଭାସ୍କର ଚନ୍ଦ୍ର ପଣ୍ଡା, ରାଜେନ୍ଦ୍ର ରାଉତ, ଗଜେନ୍ଦ୍ର କୁମାର ଚଣ୍ଡ ପ୍ରମୁଖ ମଞ୍ଚାସୀନ ଥିଲେ। ଉଦଘାଟନୀ ସନ୍ଧ୍ୟାରେ ପ୍ରବଚକ ଦେବାଶିଷ ଦ୍ୱିବେଦୀ ପ୍ରବଚନ ଦେଇଥିଲେ। ସନ୍ତୋଷ କୁମାର ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ।

## ୪ ଲକ୍ଷର ବ୍ରାଉନ୍‌ସୁଗର ଜବତ, ମହିଳା ଗିରଫ

ବାଲେଶ୍ୱର, ୧୯।୧(ସମିସ): ଅରଡବଜାର ମସଜିଦ ଗଳିରୁ ସହଦେବଖୁଣ୍ଟା ପୁଲିସ ୪୨ ଗ୍ରାମର ବ୍ରାଉନସୁଗର ସହ ନଗଦ ୨୦ ହଜାର ଟଙ୍କା ଜବତ କରିଛି। ଏହି ଘଟଣାରେ ଜଣେ ମହିଳାଙ୍କୁ ପୁଲିସ ଗିରଫ କରିଥିବା ଜଣାପଡ଼ିଛି। ଗିରଫ ଅଭିଯୁକ୍ତ ହେଉଛନ୍ତି ଅରଡବଜାର ଅଞ୍ଚଳର ରୋଜିନା ବିବି। ଅରଡବଜାର ମସଜିଦ ଅଞ୍ଚଳରେ ବ୍ରାଉନସୁଗର ବିକ୍ରି ହେଉଥିବା ନେଇ ଖବର ପାଇ ସହଦେବଖୁଣ୍ଟା ଥାନା ଅଧିକାରୀ ଜୟନ୍ତ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ଉକ୍ତ ମହିଳାଙ୍କ ଘର ଉପରେ ଚଢ଼ଉ କରିଥିଲେ। ସେଠାରୁ ବ୍ରାଉନସୁଗର ଜବତ ହୋଇଥିଲା। ସମ୍ପୃକ୍ତ ମହିଳା ବ୍ରାଉନସୁଗର ଆଣି ଘରେ ରଖି ବିକ୍ରି କରୁଥିଲେ। ପୁଲିସ ଏକ ମାମଲା ରୁଜୁକରି ମହିଳାଙ୍କୁ କୋର୍ଟଚାଲାଣ କରିଛି।

## ରୋଟାରୀ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ବାଲେଶ୍ୱର, ୧୯।୧(ସମିସ): ଭୁବନେଶ୍ୱରର କଳିଙ୍ଗ ହସପିଟାଲ ସହଯୋଗରେ ବାଲେଶ୍ୱର ରୋଟାରୀ କ୍ଲବ ପକ୍ଷରୁ ଏକ ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଜିଲ୍ଲା ରୋଟାରୀ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଗୋପୀନାଥ ପରିଡ଼ା ଓ ବାଲେଶ୍ୱର ସବିତା ସାହୁ ପ୍ରମୁଖ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ରୋଟାରୀ କ୍ଲବର ପୂର୍ବତନ ଜିଲ୍ଲା ଗଭର୍ଣ୍ଣର ଶାନ୍ତନୁ କୁମାର ପାଣି, ବିଷ୍ଣୁ ଦାସ କୁଣ୍ଡୁ, ସୁବ୍ରତ କର ପ୍ରମୁଖ ଏଥିରେ ମଞ୍ଚାସୀନ ଥିଲେ। ରୋଟାରୀ କ୍ଲବର ସଭାପତି କର୍ଣ୍ଣେଲ କ୍ଷେତ୍ରମୋହନ ମହାପାତ୍ର ଏଥିରେ ପୌରୋହିତ୍ୟ କରିଥିଲେ। ରୋଟାରୀ କ୍ଲବର ବହୁ ସଦସ୍ୟ ଶିବିର ପରିଚାଳନା କରିଥିଲେ।

## ପୁରାତନ ବିଦ୍ୟାର୍ଥୀ ପରିଷଦ କାର୍ଯ୍ୟାଳୟ ଉଦ୍‌ଘାଟିତ

ବାଲେଶ୍ୱର, ୧୯।୧(ସମିସ): ସଦର ବ୍ଲକ ଗେଙ୍ଗୁଟି ପଞ୍ଚାୟତର ବହୁମୂଖୀ ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ପୁରାତନ ବିଦ୍ୟାର୍ଥୀ ପରିଷଦ, ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ, ସାଉଁର କାର୍ଯ୍ୟାଳୟ ଉଦଘାଟନୀ ସଭା ପରିଷଦର ସଭାପତି ଜଳଧର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସରକାରୀ ଉପମୁଖ୍ୟ ସଚେତକ ତଥା ବରେଣ୍ୟ ବିଧାୟକ ରେମୁଣା ଗୋବିନ୍ଦ ଚନ୍ଦ୍ର ଦାସ ଉଦ୍‌ଘାଟନୀ ଅଭିଭାଷଣ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲାପରିଷଦ ଅଧ୍ୟକ୍ଷ୍ୟା ଉର୍ମିଳତା ଦାସ, ସ୍ଥାନୀୟ ଜିଲ୍ଲାପରିଷଦ ସଦସ୍ୟା ବନଲତା ସେଠୀ, ସ୍ଥାନୀୟ ସରପଞ୍ଚ ମଞ୍ଜୁଲତା ଆଚାର୍ଯ୍ୟ, ହରେନ୍ଦ୍ରନାଥ ଦାସ, ସ୍ଥାନୀୟ ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସା ଅଧିକାରୀ ଡାକ୍ତର ପଦ୍ମାଳୟା ବେହେରା, ଶିକ୍ଷାବିତ କାର୍ତ୍ତିକ ଚନ୍ଦ୍ର ସାହୁ, ପ୍ରଭାତ ପରିଡ଼ା, ଶାନ୍ତନୁ କୁମାର ପାଣି, ପୂର୍ବତନ ସରପଞ୍ଚ ବିରୁପାକ୍ଷ୍ୟ ମହାପାତ୍ର, ଯୁବନେତା ରଞ୍ଜନ କୁମାର ଦାସ, ବିଜୟ କୁମାର ପରିଡ଼ା, ସଂଗଠନର ଉପଦେଷ୍ଟା ଇଂ ପଦ୍ମଲୋଚନ ପାତ୍ର, ଯୁବ ଆଇନଜୀବୀ ଜିତେନ୍ଦ୍ର କୁମାର ରାଉତ ପ୍ରମୁଖ ଉଦ୍ୟମକୁ ସ୍ୱାଗତ ଜଣାଇଥିଲେ। ସହ ସମ୍ପାଦକ ନବ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂଗଠନ ଉପ-ସଭାପତି କେଶବ ଆଚାର୍ଯ୍ୟ ପୁରାତନ ବିଦ୍ୟାର୍ଥୀ ପରିଷଦର ଆଭିମୂଖ୍ୟ ରଖିଥିଲେ। ସମ୍ପାଦକ ସୁଧାକର ସେଠୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ।

# ଟ୍ରକ୍ ପଛରେ ଧକ୍କା ହେଲା ତୀର୍ଥଯାତ୍ରୀ ବସ୍ \ ୧୦ ଯାତ୍ରୀ ଆହତ; ୪ ଗୁରୁତର

ତୁରୁମୁଙ୍ଗା,୧୯।୧(ସମିସ)





କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥର ଚିଲିଦା ନିକଟରେ ରବିବାର ଅପରାହ୍ନରେ ଏକ ତୀର୍ଥଯାତ୍ରୀ ବସ୍ ଦୁର୍ଘଟଣାର ଶିକାର ହୋଇଛି। ବସ୍‌ଟି ଆଗରେ ଯାଉଥିବା ଏକ ଟ୍ରକ୍‌କୁ ଓଭରଟେକ୍ କରୁଥିବା ବେଳେ ତା ପଛରେ ପିଟି ହୋଇଯାଇଛି। ଫଳରେ ବସ୍‌ରେ ଥିବା ପଶ୍ଚିମବଙ୍ଗ ଅଞ୍ଚଳର ୧୦ରୁ ଅଧିକ ତୀର୍ଥଯାତ୍ରୀ ଆହତ ହୋଇଥିବା ବେଳେ ୬୦ରୁ ଉର୍ଦ୍ଧ୍ୱ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସମସ୍ତ ଆହତଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ତେବେ ସେମାନଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡିଛି। ସାନ୍‌ଭି ନାମକ ଏକ ଘରୋଇ ବସ୍ ଗତ ଡିସେମ୍ବର ୨୫ ତାରିଖରୁ ପଶ୍ଚିମବଙ୍ଗ ନଦିଆ ଥାନା ଅଞ୍ଚଳର ୬୦ରୁ ଉର୍ଦ୍ଧ୍ୱ ତୀର୍ଥଯାତ୍ରୀଙ୍କୁ ନେଇ ଜାଗୁଲି ଗ୍ରାମରୁ ବାହାରି ତାମିଲନାଡୁ, ଆନ୍ଧ୍ରପ୍ରଦେଶ ଗୋଆ, କର୍ଣ୍ଣାଟକ, ମହାରାଷ୍ଟ୍ର ଓ ଛତିଶଗଡ଼ ଅଞ୍ଚଳ ବୁଲି ପଶ୍ଚିମବଙ୍ଗକୁ ଫେରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଛି। ଘଟଣାସ୍ଥଳରେ ତୁରୁମୁଙ୍ଗା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ଦୁର୍ଘଟଣାଗ୍ରସ୍ତ ଦୁଇ ଗାଡିକୁ ଜବତ କରି ତଦନ୍ତ ଆରମ୍ଭ କରିଛି।

## ବନବାସୀ କଲ୍ୟାଣ ଫାଉଣ୍ଡେସନର ସହଯୋଗ
# ଜେଲରୁ ମୁକ୍ତ ହେଲେ କଏଦୀ

**କେନ୍ଦୁଝର,୧୯।୧(ସମିସ):** ଜରିମାନା ଅର୍ଥ ଦେଇ ନ ପାରିବାରୁ ଜେଲରେ ସଜା କାଟୁଥିବା ଜଣେ କଏଦୀଙ୍କୁ ସହାୟତାର ହାତ ବଢାଇଛି ବନବାସୀ କଲ୍ୟାଣ ଫାଉଣ୍ଡେସନ। ଜରିମାନା ବାବଦକୁ ଫାଉଣ୍ଡେସନ ପକ୍ଷରୁ ୧୦ ହଜାର ଟଙ୍କା ଗତକାଲି ଜମା କରିବା ପରେ ଆଜି ତାଙ୍କୁ କେନ୍ଦୁଝର ଜେଲରୁ ମୁକ୍ତି ମିଳିଛି। ତାଙ୍କ ନାମ ସିଲେଇ ମୁଣ୍ଡା (୫୨) ଏବଂ ତାଙ୍କ ଘର ସଦର ବ୍ଲକ ଅନ୍ତର୍ଗତ ଆମୁଣୀ ଗ୍ରାମ ମୁଣ୍ଡାସାହିରେ ବୋଲି ଜଣାପଡିଛି। ସେ ଏକ ମାମଲାରେ ଗିରଫ ହୋଇ ଦଣ୍ଡିତ ହୋଇଥିଲେ। ତାଙ୍କୁ ୧୦ ବର୍ଷ ଜେଲ ଓ ୧୦ ହଜାର ଟଙ୍କା ଜାରିମାନା ଆଦେଶ ହୋଇଥିଲା। ଜିମାନା ଅନାଦେୟ ଆଉ ୬ ମାସ ଜେଲ ଦଣ୍ଡ ଆଦେଶ ହୋଇଥିଲା। ତେବେ ଅର୍ଥ ଅଭାବରୁ ଜରିମାନା ନ ଦେଇ ପାରି ୧୦ବର୍ଷ ଜେଲ ଶେଷ ହେବା ପରେ ମଧ୍ୟ ସଜା କାଟୁଥିଲେ। ଏ ନେଇ ସୂଚନା ପାଇବା ପରେ ବନବାସୀ କଲ୍ୟାଣ ଫାଉଣ୍ଡେସନ ପକ୍ଷରୁ



ଜରିମାନା ବାବଦ ୧୦ ହଜାର ଟଙ୍କା କୋର୍ଟରେ ଜମା କରାଯାଇଥିଲା ବୋଲି ବନବାସୀ କଲ୍ୟାଣ ଫାଉଣ୍ଡେସନର ଓଡ଼ିଶା ଅଧ୍ୟକ୍ଷ ଇଂ.ବସନ୍ତ କୁମାର ଦାନୀ ସୂଚନା ଦେଇଛନ୍ତି। ଜେଲରୁ ମୁକ୍ତ ପରେ ଫାଉଣ୍ଡେସନ ପକ୍ଷରୁ ତାଙ୍କୁ ଥଇଥାନ କରାଯିବ ବୋଲି ଶ୍ରୀ ଦାନି କହିଛନ୍ତି। ଓଡିଶାର ବିଭିନ୍ନ ଜେଲରେ ଛୋଟ ଛୋଟ ମାମଲାରେ ବହୁ ବନ୍ଦୀ ରହିଛନ୍ତି। ସେମାନଙ୍କ ମୁକ୍ତି ପାଇଁ ସହଯୋଗର ହାତ ବଢାଯିବ ବୋଲି ଫାଉଣ୍ଡେସନର ଉପଦେଷ୍ଟା ଅବସରପ୍ରାପ୍ତ ଜେଲ ଡିଆଇଜି ଅମୀୟ ପଟ୍ଟନାୟକ କହିଛନ୍ତି। ଜେଲରୁ ମୁକ୍ତ ସମୟରେ ଫାଉଣ୍ଡେସନର ସଦସ୍ୟ ରମେଶ ବେହେରା, ଭାବଗ୍ରାହୀ ମିଶ୍ର, ବିଶ୍ୱହିନ୍ଦୁ ପରିଷଦର କେଦାର ଦାଶ, ସୁବ୍ରତ ମହାନ୍ତି, ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସିଲେଇ ମୁଣ୍ଡା ଜଣେ ଗରିବ ବାସହୀନ ହୋଇଥିବାରୁ ପ୍ରଶାସନ ପକ୍ଷରୁ ତାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ ଯୋଗାଇ ଦେବାକୁ ଫାଉଣ୍ଡେସନ ପକ୍ଷରୁ ଦାବି ହୋଇଛି।

## ଷେଣ୍ଢପୁର-ଦୋବଲ ରାସ୍ତା ନିର୍ମାଣ ନିମ୍ନମାନର
# ଅଧିକାରୀଙ୍କ ଅନୁପସ୍ଥିତରେ ଚାଲିଛି କାମ

**ଦୋବଲ,୧୯ ।୧(ସମିସ):** ଦୋବଲ ଠାରୁ ଷେଣ୍ଢପୁର ରାସ୍ତା ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ କାର୍ଯ୍ୟ ଚାଲିଛି। କାର୍ଯ୍ୟ ବେଳେ କେହି ଅଧିକାରୀ ରହୁ ନଥିବାରୁ ରାସ୍ତା କାର୍ଯ୍ୟର ସ୍ଥାୟୀତ୍ୱ ନେଇ ସନ୍ଦେହ ସୃଷ୍ଟି ହୋଇଛି। ପ୍ରକାଶ ଥାଉକି ଭଦ୍ରକ ଜିଲ୍ଲା ପର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ଷେଣ୍ଢପୁର- ଦୋବଲ ରାସ୍ତାର ପ୍ରଶସ୍ତିକରଣ ଓ ସୁଦୃଢ଼ୀକରଣ କାମ ଚାଲିଛି। ଏଥିଲାଗି ୪ କୋଟି ୭୧ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଠିକାଦାର ଠିକା ନେଇ କାମ କରୁଛନ୍ତି। ପ୍ରଥମ ପର୍ଯ୍ୟାୟରେ ଖଡ଼ିପଦାରୁ ଦୋବଲ ମଧ୍ୟରେ ୨ କିଲୋମିଟର ଲମ୍ବର ରାସ୍ତା କାମ ଆରମ୍ଭ ହୋଇଛି। ରାସ୍ତାର ଦୁଇ ପାର୍ଶ୍ୱରେ ଖୋଳାଯାଇ ଗାର୍ଡ ୱାଲ୍ ବେଶ୍ ନିର୍ମାଣ କରାଯାଉଛି। ତେବେ ରାସ୍ତା ନିର୍ମାଣ କାମ ସଂପୂର୍ଣ୍ଣ ନିମ୍ନମାନର ହେଉଛି। କାଦୁଆ ବାଲି ବାଲିଆ ମାଟି ପକାଯାଉଛି। ସେହିପରି ନିର୍ଦ୍ଧାରିତ ଚିପ୍ସ ବଦଳରେ ଶସ୍ତା ଓ ନିମ୍ନମାନର ଚିପ୍ସ, ବୋଲଡର ବ୍ୟବହାର କରାଯାଉଛି। ସେହିଭଳି ରାସ୍ତା ନିର୍ମାଣ ଲାଗି ରାଜ୍ୟ ସରକାର ନିର୍ଦ୍ଧାରଣ କରିଥିବା



ସିମେଣ୍ଟ ବଦଳରେ ଅନ୍ୟ କମ୍ପାନୀର ସିମେଣ୍ଟ ବ୍ୟବହାର କରାଯାଉଛି। ରାସ୍ତା ପାଇଁ ପ୍ରସ୍ତୁତ ହୋଇଥିବା ଲେଆଉଟ୍, ଡିଜାଇନ୍ ଓ ସ୍ପେସିଫିକେସନରେ ଗ୍ରେଡ ୪୩ ଓ ୫୩ ସିମେଣ୍ଟ ବ୍ୟବହାର ଓ ଏମ-୨୫ ସିମେଣ୍ଟ ମିକ୍ସରେ କାମ ହେବା କଥା। ହେଲେ ମନଇଚ୍ଛା ସିମେଣ୍ଟ, ବାଲି ଓ ଚିପ୍ସ ଭାଗ ମିକ୍ସ କରି ଗାର୍ଡ ୱାଲ୍ କରାଯାଇଛି। ସିମେଣ୍ଟ ମିକ୍ସ ବା କଂକ୍ରିଟ ମିକ୍ସରେ କୌଣସି ପ୍ରକାର ବୁଝାମଣା କରାଯିବା ଅନୁଚିତ। ଏହା ସହ ବଡ଼ ପ୍ରକଳ୍ପ କାର୍ଯ୍ୟ ହୋଇଥିବାରୁ କଂକ୍ରିଟ କାମ ବେଳେ ବିଭାଗୀୟ ଅଧିକାରୀ ଯନ୍ତ୍ରୀ ଉପସ୍ଥିତ ରହି କାମ କରିବା କଥା। ବଡ଼କଥା ହେଉଛି, ଯିଏ ଠିକା ନେଇଛନ୍ତି, ସିଏ କି ତାଙ୍କ ଲୋକ କେହି ରହୁନାହାନ୍ତି। ଏମିତିକି ପୂର୍ତ୍ତ ବିଭାଗର କୌଣସି କର୍ମଚାରୀ ରହୁନାହାନ୍ତି। ଏଣୁ ସୁପର ଭାଇଜର କରୁଥିବା ଲୋକ କାମର ସ୍ଥାୟୀତ୍ୱ ଓ ଦୃଢ଼ତା ବଦଳରେ ନିଜର ଲାଭକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଏଣୁ ସଂପୂର୍ଣ୍ଣ ନିମ୍ନମାନର କାମ କରାଯାଉଥିବା ଦେଖିବାକୁ ମିଳିଛି। ସରକାରୀ ଅଧିକାରୀ କେହି ରହୁ ନଥିବାରୁ କାମର ସ୍ଥାୟୀତ୍ୱ ପ୍ରତି ସନ୍ଦେହ ସୃଷ୍ଟି କରିଛି। ଅନ୍ୟପକ୍ଷରେ କାମକୁ ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଦୈନିକ ହଜାର ହଜାର ଲୋକ ଉକ୍ତ ରାସ୍ତା ଉପରେ ନିର୍ଭର କରୁଥିବାରୁ ଭଲ କାମ ହେବା ଆବଶ୍ୟକ ବୋଲି ଲୋକେ କହିଛନ୍ତି। ଏ ଦିଗରେ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି। ପ୍ରକାଶ ଥାଉ କି କିଛିଦିନ ତଳେ ଖଡିପଦା ଠାରେ ଏହି ନିମ୍ନମାନର କାର୍ଯ୍ୟ କୁ ସ୍ଥାନୀୟ ଲୋକ ବିରୋଧ କରିବାରୁ କିଛିଦିନ କାମ ବନ୍ଦ ରହିଥିଲା। ପରବର୍ତ୍ତୀ ସମୟରେ କାମ କରାଯାଇଥିଲା। ଏବେ ଦୋବଲ ନିକଟସ୍ଥ ଘୋଡ଼ା ନାଳ ନିକଟରେ ଉକ୍ତ ରାସ୍ତା କାର୍ଯ୍ୟ ନିର୍ମାଣ ଚାଲିଥିବା ବେଳେ ଅତି ନିମ୍ନମାନର କାର୍ଯ୍ୟ ହେଉଛି। ରାସ୍ତା ମଝିରେ ରଡ ଦିଆ ଯାଉ ନଥିବାରୁ ରାସ୍ତା ମଝିରେ ପରେ ଫାଟ ସୃଷ୍ଟି ହେବ ମାତ୍ର ଏ ଦିଗରେ ଠିକାଦାର ତାହା କରୁନାହାନ୍ତି । ଏ ଦିଗରେ ବିଭାଗୀୟ ଉଚ୍ଚ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି।

# କେନ୍ଦୁଝରରେ 'ଉତ୍ସବ ଉତ୍ତର ଓଡ଼ିଶା'ର ପ୍ରସ୍ତୁତି ବୈଠକ



**କେନ୍ଦୁଝର,୧୯।୧(ସମିସ):** ଉତ୍ତର ଓଡିଶାର ବିକାଶ ଓ ପ୍ରଗତି ପାଇଁ ୪ଟି ଜିଲ୍ଲା କେନ୍ଦୁଝର, ବାଲେଶ୍ୱର, ମୟୂରଭଞ୍ଜ ଓ ଭଦ୍ରକ ଜିଲ୍ଲାର ଐତିହ୍ୟ, କଳା, ସଂସ୍କୃତି ଓ ଶିକ୍ଷାର ପ୍ରଚାର ଓ ପ୍ରସାର ପାଇଁ 'ଉତ୍ସବ ଉତ୍ତର ଓଡିଶା' ମାଧ୍ୟମରେ ଏକ କାର୍ଯ୍ୟକ୍ରମ ୩୧ ଜାନୁଆରୀ ଠାରୁ ୪ ଫେବୃଆରୀ ୨୦୨୫ ପର୍ଯ୍ୟନ୍ତ ବାଲେଶ୍ୱର ଠାରେ ଅନୁଷ୍ଠିତ ହେବାକୁ ଯାଉଛି। ଏଥିପାଇଁ କେନ୍ଦୁଝର ରୋଟାରୀ କ୍ଲବ ଠାରେ ଡ. ସଜୀବ କୁମାର ଓତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ବରିଷ୍ଠ ସମାଜସେବୀ ତଥା 'ଉତ୍ସବ ଉତ୍ତର ଓଡିଶା'ର ସଂଯୋଜକ ସଂଜୀବ ଗିରି ସମ୍ପୂର୍ଣ୍ଣ ତଥ୍ୟ ଓ କାର୍ଯ୍ୟକ୍ରମର ପ୍ରସ୍ତୁତି ବିବରଣୀ ଉପସ୍ଥାପନା କରିଥିଲେ। ଏହି ଉତ୍ସବକୁ ସଫଳ କରିବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶତାବ୍ଦୀର ନିର୍ଦ୍ଦେଶକ ସଂଗ୍ରାମ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ପୂର୍ବତନ ବରିଷ୍ଠ ବ୍ୟାଙ୍କ ଅଧିକାରୀ ସୁଧାଂଶୁ ଶେଖର ପଟ୍ଟନାୟକ, ଜିଲ୍ଲା କଂଗ୍ରେସ ସଭାପତି ମୋହନ ପରିଡା, ପୂର୍ବତନ ବିଧାୟକ ଇଂ. ସୁବର୍ଣ୍ଣ ନାୟକ, ସିଟିଜି ଫାଉଣ୍ଡେସନର ଅଧ୍ୟକ୍ଷ ଡ. ରାଜେନ୍ଦ୍ର କୁମାର ପଲେଇ, ରୋଟାରୀ କ୍ଲବ ସମ୍ପାଦକ ଦୀପକ ନାୟକ, ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, କେନ୍ଦୁଝର ସ୍କୁଲ ଅଫ ଇଞ୍ଜିନିୟରିଂର ଅଧ୍ୟକ୍ଷ ଇଂ. ବସନ୍ତ କୁମାର ଦାନୀ, ସମାଜସେବୀ ଇଂ. ବିନୋଦ ବିହାରୀ ନାୟକ, କେନ୍ଦୁଝର ନାଗରିକ ମଞ୍ଚର ପ୍ରଫୁଲ୍ଲ କୁମାର ସାହୁ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀର, ଆରଭିଡିଓର ସମ୍ପାଦକ ମନୋଜ ପରିଡା, ନୃତ୍ୟଗୁରୁ ଗୁରୁ ଦାସ, ସାମ୍ବାଦିକ ଦିଲ୍ଲୀପ କୁମାର ସାହୁ, ସତ୍ୟଜିତ ସାମନ୍ତରାୟ, ସୁକୁମାର ପାଣିଗ୍ରାହୀ, ଶିକ୍ଷାବିତ ସୁନିତା ମହାନ୍ତି, ପ୍ରଭାତ ରଞ୍ଜନ ଭୂୟାଁ, ଯୁବ କଳାକାର ସରୋଜ ମାହାନା, ସାମ୍ବାଦିକ ସୁଢଳ କୁମାର ସେଠୀ, ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ, ସାମ୍ବାଦିକ ସତ୍ୟଜିତ ମିଶ୍ର ପ୍ରମୁଖ ମତାମତ ଦେଇଥିଲେ।

## ବାଲିମାଫିଆଙ୍କ କବ୍‌ଜାରେ ନଦୀ ପଠା
# ବଦଳୁଛି ଗତିପଥ; ଗ୍ରାମବାସୀ ଆତଙ୍କିତ



**ଅସୁରାଳି,୧୯ ।୧(ସମିସ):** ଧାମନଗର ତହସିଲ ଅଞ୍ଚଳରେ ପ୍ରବାହିତ ବୈତରଣୀ ଓ କୋଚିଲା ନଦୀର ବିଭିନ୍ନ ସ୍ଥାନରେ ବେନିୟମ ଭାବେ ବାଲି ଘାଟ ଖୋଲା ଯାଇ ପ୍ରତିଦିନ ଶହ ଶହ ଟ୍ରକ୍, ଟ୍ରାକ୍ଟର ଓ ହାଇୱାରେ ଅହରହ ବାଲିଚାଲାଣ ହେଉଛି। ବାଲି ମାଫିଆ ପ୍ରଶାସନର କିଛି ଦୁର୍ନୀତିଖୋର କର୍ମଚାରୀଙ୍କୁ ମୋଟା ଅଙ୍କରେ ଲାଞ୍ଚ ଦେଇ ଏଭଳି ଚୋରା ବାଲିବେପାର କରି ବିପୁଳ ଅର୍ଥ ରୋଜଗାର କରୁଥିବା ବେଳେ ଏହା ଦ୍ୱାରା ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହାନି ଘଟୁଛି। ପୂରା ନଦୀ ଗର୍ଭ ଓ ପଠା ଏବେ ବାଲିମାଫିଆଙ୍କ କବ୍‌ଜାରେ। ବାଲିପାଟଣା, ବାସୁଦେବପୀଠ, ଅର୍ଜୁନପୁର, ହସନାବାଦ, ଅସ୍ତକ, ମମାଦୁଲା, ପଙ୍ଗଟା ଘାଟ, ସଇଲୋ; ଏ ସମସ୍ତ ଘାଟରେ ଡ୍ରେଜର ଅନବରତ ବାଲି ଖୋଳି ନଦୀବନ୍ଧ ଦୁର୍ବଳ କରିବା ଯୋଗୁଁ ଯାତାୟାତରେ ବାଧା ଉପୁଜୁଛି। ନଦୀରୁ ବାଲି ଉଠାଇବା ନିମନ୍ତେ ବିଭିନ୍ନ ସ୍ଥାନରେ ନଦୀ ବନ୍ଧ କଟାଯିବା ଦ୍ୱାରା ବନ୍ଧ ଦୁର୍ବଳ ହେଉଛି। ନଦୀବନ୍ଧ ଦୁର୍ବଳ ହେବା ଯୋଗୁଁ ନଦୀ ଗତିପଥ ବଦଳାଇ ଗାଁ ଆଡ଼କୁ ମୁହାଁଇଛି। ଫଳରେ ଗ୍ରାମବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ଦିନରେ ଶହ ଶହ ଗାଡ଼ିରେ ସେହି ବାଲି ବାହାରକୁ ବୁହାଯାଉଛି। ଏହିପରି ଭାବେ ଅବ୍ୟାହତ ଭାବେ ଚୋରା ଚାଲାଣ ଚାଲୁ ଥିବାରୁ ରାଜସ୍ୱ ବିଭାଗର ହାନି ହେଉଛି। ମାତ୍ର ଏସବୁ ଦେଖି ବି ପ୍ରଶାସନ ନୀରବ ଦ୍ରଷ୍ଟା ସାଜିଛି। ନିର୍ଦ୍ଧାରିତ ପରିମାଣ ଠାରୁ ଅଧିକ ପରିମାଣରେ ବାଲି ବୋଝେଇ ହୋଇ ଭାରୀଯାନ ନଦୀବନ୍ଧ ଓ ରାସ୍ତାରେ ଚାଲିବା ଦ୍ୱାରା ନଦୀ ଓ ରାସ୍ତା ନଷ୍ଟ ହେଉଛି। ବାଲି ଚାଲାଣ ବେଳେ ଗାଡ଼ିରୁ ଖସୁଥିବା ପାଣିମିଶା ବାଲି ପାଇଁ ଦୁର୍ଘଟଣା ମଧ୍ୟ ଘଟୁଛି। ସେହିପରି ବାଲି ବୋଝେଇ ଗାଡ଼ିରେ ପାଲ ଢଙ୍କା ଯାଉ ନ ଥିବାରୁ ବାଲି ଉଡ଼ ପଥଚାରୀଙ୍କ ଆଖିରେ ପଡୁଛି। ଅଧିକାଂଶ ସମୟରେ ବାଲି ଗାଡ଼ି ପାଇଁ ରାସ୍ତାରେ ଗହଳି ହୋଇ ଦୁର୍ଘଟଣା ଘଟୁଛି। ପ୍ରତିବର୍ଷ ନଦୀ ଗର୍ଭରୁ ଏଭଳି ବେନିୟମ ଭାବେ ବାଲି ଉଠାଣ ପରିମାଣ ବଢୁଥିବା ବେଳେ ଏଥିପାଇଁ ଅଞ୍ଚଳବାସୀ ନାହିଁ ନଥିବା ସମସ୍ୟା ଭୋଗୁଛନ୍ତି। ଏ ବାବଦରେ ଲୋକେ ତହସିଲ, ଏସ୍‌ଡିଓଙ୍କ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ଏବଂ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ଆସୁଥିଲେ ହେଁ ସମସ୍ୟାର କୌଣସି ସମାଧାନ ହେଉ ନ ଥିବାରୁ ଅସନ୍ତୋଷ ବଢ଼ିବାରେ ଚାଲିଛି।

# ବସ୍ ଦୁର୍ଘଟଣାରେ ୧୫ ଆହତ

**ବଡ଼ବିଲ, ୧୯।୧(ସମିସ):** କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣି ମଣ୍ଡଳ ଅଞ୍ଚଳରେ ଖଣି କାର୍ଯ୍ୟ କରୁଥିବା ଏକ କମ୍ପାନୀର କର୍ମଚାରୀଙ୍କୁ ନେଇ ଗୁଆଲିରୁ ବଡ଼ବିଲ ଆସୁଥିବା ଏକ ବସ୍ ଦୁର୍ଘଟଣାର ଶିକାର ହୋଇଛି। ଏଥିରେ ୧୫ ଜଣ କର୍ମଚାରୀ ଆହତ ହୋଇଥିବା ଜଣାପଡିଛି। ବସ୍ ନଂ. ଓଡି୧୩ପି ୮୭୨୮ ଜାତୀୟ ରାଜପଥ ୨୧୫ର ରୁଗୁଡ଼ି ଥାନା ଅନ୍ତର୍ଗତ ବାରବାଙ୍କ ଘାଟି ରାସ୍ତାରେ ଠିଆ ହୋଇଥିବା ଏକ ହାଇୱାକୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ବସ୍‌ରେ ଥିବା ୩ ଜଣ କର୍ମଚାରୀ ଗୁରୁତର ଆହତ ହୋଇଥିବାବେଳେ ୧୨ରୁ ଅଧିକ ଆହତ ହୋଇଥିବା



ଜଣାପଡିଛି। ଗୁରୁତରଙ୍କ ମଧ୍ୟରେ ବସ୍ ଚାଳକ ଧରଣୀଧର ବେହେରା, ସଞ୍ଜୀୟ ପଣ୍ଡା, ଅରବିନ୍ଦ ତିୱାରୀଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଆହତମାନେ ହେଲେ ମନୋରଞ୍ଜନ ପୃଷ୍ଟି, ସମ୍ବିତ ପଟ୍ଟନାୟକ, ରୋହିତ ସିଂ, ଆକାଶ ବାହାଦୁର, ଆଲୋକ କୁମାର ସିଂ, ଦୀପକ ରାଜୁ, ଅମର କୁମାର ସାହୁ, ଅମରଦୀପ ପ୍ରଜାପତି, ବ୍ରିଜଭୂଷଣ ଚାତାର, ପଙ୍କଜ, ମନୋରଞ୍ଜନ ତାର୍କି ପ୍ରମୁଖ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ବେଳେ ବିପଦ ମୁକ୍ତଥିବା ନେଇ ଦାୟିତ୍ୱରେ ଥିବା ଚିକିତ୍ସା ଅଧିକାରୀ ସୂଚନା ଦେଇଛନ୍ତି।

# ବିଲୁପ୍ତ ହେବାକୁ ବସିଛି ଅମାର
## ଦିନେ ଥିଲା ଓଡ଼ିଆ ଘରର ଆଭିଜାତ୍ୟର ପ୍ରତୀକ

**ବନ୍ତ/ଆଗରପଡ଼ା,୧୯।୧(ସମିସ):** ସମୟଚକ୍ରରେ ଗୋଟିକ ପରେ ଗୋଟିଏ ପୁରୁଣା ଜିନିଷର ଅନ୍ତର୍ଦ୍ଧାନ ହେବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ଏବେ ଅମାର ବି ଓଡିଆ ଘରରୁ ବିଦାୟ ନେଇଛି। ଯଦିବା କେଉଁଠି କେମିତି ରହିଛି; ତାହା ପୁଣି ଅଦରକାରୀ, ଅବ୍ୟବହୃତ ଆଉ ଭଗ୍ନ ପ୍ରାୟ। ସୂଚନା ଅନୁଯାୟୀ ଏକଦା ଆଭିଜାତ୍ୟର ପ୍ରତୀକ ଓ ଚାଷୀ ଘରର ଏକ ବଳିଷ୍ଠ ଖୁଣ୍ଟ ଭାବେ ପ୍ରତିୟମାନ ଅମାରର ଉପସ୍ଥିତି ସେ ବେଳରେ ବେଶ ପରିଚୟ ବହନ କରୁଥିଲା। ଓଡ଼ିଆ ଘରେ ଚାଷକୁ ପ୍ରାଧାନ୍ୟ ଦେଇ ପ୍ରତିବର୍ଷ ଚାଷରୁ ମିଳୁଥିବା ଅମାପ ଧାନକୁ ଯେଉଁ ସ୍ଥାନରେ ଠୁଳ କରି ସୁରକ୍ଷିତ ରଖାଯାଉଥିଲା ତାହାହିଁ ହେଉଛି



ଅମାର ବା ଅମ୍ବାର। ଏହା ପ୍ରକାରାନ୍ତରେ କାଠପଟା, ମାଟି କାନ୍ଥ ଅଥବା ବହୁତ ସ୍ଥାନରେ ସିମେଣ୍ଟ ଘର ମଧ୍ୟରେ ହୋଇଥାଏ। ଏମିତିକି ଚାଷୀ ତାର ଧାନକୁ ମାଟି ମଧ୍ୟରେ ପୋତି ଧାନକୁ ମଧ୍ୟ ରଖିଥାଏ କିମ୍ବା ଛଣରେ ତିଆରି ଧାନ ଓଳିଆ ଭିତରେ ମଧ୍ୟ ଧାନକୁ ନିରାପଦରେ ବର୍ଷ ବର୍ଷ ଧରି ରଖାଯାଏ। ଅମାର କିନ୍ତୁ ସବୁଠାରୁ ନିରାପଦ ଆଉ ସୁରକ୍ଷିତ ସ୍ଥାନ। ବିଶେଷ କରି ଆଗେ ଛଣଛପର ଘରେ ଅମାରର ଉପସ୍ଥିତି ବେଶ ଗୁରୁତ୍ୱ ବହନ କରୁଥିଲା। ଘରର ଅମାରକୁ ଦେଖି ପରିବାର ସମ୍ପର୍କରେ ଅବଗତ ମଧ୍ୟ ହେଉଥିଲା। କହିବାକୁ ଗଲେ ଅମାରର ଗୁରୁତ୍ୱ ସେବେଳରେ ଯାହା ଥିଲା ତାହା ଏବେ ବିଲୁପ୍ତ ପ୍ରାୟ। କାଁ ଭାଁ କେଉଁଠି ଏବେ ଅମାରକୁ ଦେଖିବାକୁ ମିଳୁଛି। ଯଦିବା ତାର ଉପସ୍ଥିତି ଅନୁଭବ କରାଯାଉଛି; ତାହା ପୁଣି ଜରାଜୀର୍ଣ୍ଣ ଓ ଅବ୍ୟବହୃତ। ଉକ୍ତ ଭଣ୍ଡାରଗୃହଟି ଏବେ ହୋଇଯାଇଛି ଅଦରକାରୀ। ଓଡିଆ ଘରର ମୁଖ୍ୟ ଆଭିଜାତ୍ୟର ପ୍ରତିକ ଅମାର ଏବେ ଆଖିରେ ପଡୁନି। ଆଧୁନିକ ଯୁଗରେ ସମୟଚକ୍ରରେ ଧାନ, ବିରି, ମୁଗ, ବାଦାମ ଭଳି ଖାଦ୍ୟଶଷ୍ୟକୁ ସୁରକ୍ଷିତ ରଖିବାକୁ ଏବେ ବହୁ ପ୍ରକାର ମାଧ୍ୟମ ଉପଲବ୍ଧ ହେଉଥିବାରୁ ଅମାର ଏବେ ଅଦରକାରୀ ହୋଇ ପଡିଛି। ବର୍ତ୍ତମାନ ସମୟରେ ଚାଷ ଜମିରୁ ଓ ଧାନ ଖଳାରୁ ଧାନ ବିକ୍ରି ହେଇଯାଉଥିବା ଫଳରେ ଅମାରର ଆବଶ୍ୟକତା ପଡୁନାହିଁ ବୋଲି ବହୁ ବରିଷ୍ଠ ଚାଷୀ କହୁଥିବା ବେଳେ ଅମାର କ'ଣ ବୋଲି ଆଜିକା ପିଲା ପଚାରୁଥିବା ଶୁଣିବାକୁ ମିଳୁଛି।

## ବଢିଲା ଧାନ ସଂଗ୍ରହ ପରିମାଣ
# ବିକିଲେଣି ୪୪୭ ୯ ଜଣ ଚାଷୀ

**ଭଦ୍ରକ, ୧୯ ।୧(ସମିସ):** ସରକାରୀ ଦରରେ ଧାନ କ୍ରୟ ବ୍ୟବସ୍ଥା ତଦାରଖ ଓ ମଣ୍ଡି ପରିଦର୍ଶନ ନେଇ ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଭଦ୍ରକ ଜିଲ୍ଲା ଗସ୍ତ ପରେ ପ୍ରଶାସନର ଧାନ କିଣା ପ୍ରକ୍ରିୟା ଅଧିକ ସୁବ୍ୟବସ୍ଥିତ ହୋଇଛି। ଭଣ୍ଡାରିପୋଖରୀ ବ୍ଲକ୍‌ର ତେସିଙ୍ଗା ସେବା ସମବାୟ ସମିତି ଦ୍ୱାରା ମଣ୍ଡିରେ ଧାନ କିଣା ନ ଯାଇ ସିଧାସଳଖ ପଠାଇ ଦେବା, ମଣ୍ଡିରେ ସିସିଟିଭି କାମ ନ କରିବା ଆଦି ଅଭିଯୋଗ ତଦନ୍ତରେ ସତ ଜଣା ପଡ଼ିବାରୁ ଉକ୍ତ କେନ୍ଦ୍ରର ଧାନ କ୍ରୟ ଅଧିକାରୀ ତଥା ସମ୍ପାଦକ ରାଜେନ୍ଦ୍ର କୁମାର ଖଣ୍ଡେଇଙ୍କୁ ପ୍ରଶାସନ ତରଫରୁ ବଦଳାଇ ଦିଆଯାଇଛି। ସେହିପରି ଭଦ୍ରକ ବ୍ଲକ୍ ବହୁଦରଡାର ଶ୍ରୀରାମ ପାକସ୍ ଦ୍ୱାରା ମଣ୍ଡିରେ ଧାନ କ୍ରୟ ଖୁବ୍ ମନ୍ଥର ଥିବାରୁ ତାଙ୍କ ବିରୁଦ୍ଧରେ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ୧୬ ତାରିଖ ଗୁରୁବାର ଧାନ କିଣା ୧୦.୨ପ୍ରତିଶତ ଥିଲା ବେଳେ ଦୁଇଦିନ ମଧ୍ୟରେ ଶନିବାର ସୁଦ୍ଧା ୨୦.୬୧ ପ୍ରତିଶ ଧାନ ମଣ୍ଡିରେ କିଣା ଗଲାଣି। ଜିଲ୍ଲାର ସମୁଦାୟ ପଞ୍ଜିକୃତ ୮୦,୫୩୩ ଜଣ ଚାଷୀଙ୍କ ମଧ୍ୟରୁ ୪୪୭ ୯ ଜଣ ଚାଷୀ ଅର୍ଥାତ୍ ୫.୫ ପ୍ରତିଶ ଚାଷୀ ଧାନ ବିକି ସାରିଲେଣି। ମିଲର ମାନେ ମଧ୍ୟ ନିୟମିତ ଧାନ ଉଠାଉ ଥିବାର ଜାଣିବାକୁ ମିଳିଛି।

# ଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ




**ଦୋବଲ,୧୯ ।୧(ସମିସ):** ଧାମନଗର ବ୍ଲକ ଆନନ୍ଦପୁର ପଞ୍ଚାୟତ ଜଗନ୍ନାଥ ଉଚ୍ଚ ବିଦଞାଳୟର ୨୫ତମ ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ୨ଦିନ ଧରି ଚାଲିଥିବା ଉତ୍ସବ ସମାପ୍ତ ହେବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଛି। ଗୁରୁବାର ଉତ୍ସବର ପ୍ରଥମ ଦିନରେ ବାର୍ଷିକ କ୍ରୀଡ଼ା ଆୟୋଜନ ହୋଇଥିଲା। ଏହାକୁ ପୂର୍ବତନ ପ୍ରଧାନଶିକ୍ଷକ ତ୍ରିଲୋଚନ ବେହେରା ଉଦଘାଟନ କରିଥିଲେ। ଏହାପରେ କ୍ରୀଡ଼ା ଶିକ୍ଷକ ଦୋଳଗୋବିନ୍ଦ ବେହେରା କ୍ରୀଡ଼ା ପରିଚାଳନା କରିଥିଲେ। ବାର୍ଷିକ ଉତ୍ସବରେ ପ୍ରଧାନଶିକ୍ଷକ ପବିତ୍ର ମୋହନ ମହାନ୍ତି ସଭାପତିତ୍ୱ କରିଥିବାବେଳେ ଶିକ୍ଷକ ଶଶିଭୂଷଣ ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଧାମନଗର ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସତ୍ୟସୁନ୍ଦର ପରିଡ଼ା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଆନନ୍ଦ ପୁରର ପୂର୍ବତନ ସରପଞ୍ଚ ବିଜୟ କୁମାର ଦାସ ଯୋଗଦେଇ ବିଦ୍ୟାଳୟ ପ୍ରତିଷ୍ଠାର ଇତିହାସ ବଖାଣି ଥିଲେ। ଆୟୋଜିତ ସଭାରେ ପୂର୍ବତନ ଶିକ୍ଷକ ବୃନ୍ଦାବନ ମହାନ୍ତି, ଖଡ଼ି ପଦା ସିଆରସିସି ଦେବବ୍ରତ ନାୟକ, ସୂର୍ଯ୍ୟକାନ୍ତ ସାହୁ, ସ୍କୁଲ କମିଟି ସଭାପତି ଶ୍ରୀକାନ୍ତ ମିଶ୍ର, ଶିକ୍ଷକ ମଦନମୋହନ ପାଣିଗ୍ରାହୀ ଯୋଗଦେଇଥିଲେ।

# ସାଇଁକୁଳ ହିଙ୍ଗୁଳା କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ
## ସେମିରେ ସ୍ପୋର୍ଟ୍ସ ହଷ୍ଟେଲ ବାରିପଦା

ରାମଚନ୍ଦ୍ରପୁର/ ଆନନ୍ଦପୁର,୧୯ ।୧(ସମିସ)

ସାଇଁକୁଳ ହିଙ୍ଗୁଳା ଆଥଲେଟିକ ଆସୋସିଏସନ ପକ୍ଷରୁ ରାଜ୍ୟସ୍ତରୀୟ ହିଙ୍ଗୁଳା କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସାଇଁକୁଳ ସରପଞ୍ଚ ମୀରାରାଣୀ ନାୟକ, ସମ୍ମାନିତ ଅତିଥି ଭାବେ କ୍ଲବର ସଭାପତି ଗୋପିନାଥୀ ସ୍ୱାଇଁ, ଉପସଭାପତି ଶତ୍ରୁଘନ ବେହେରା, ସମ୍ପାଦକ ମାର୍କଣ୍ଡ ସାମଲ ସମେତ ଅନେକ ବରିଷ୍ଠ କାର୍ଯ୍ୟକର୍ତ୍ତା ଯୋଗ ଦେଇ ଖେଳକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ଉଦଘାଟନୀ ମ୍ୟାଚ ବିଏଫ୍‌ସି କୁଚିଣ୍ଡା ବନାମ ସ୍ପୋର୍ଟ୍ସ ହଷ୍ଟେଲ ବାରିପଦା ମଧ୍ୟରେ ଅନୁଷ୍ଠିତ ହୋଇଥିଲା।




ନିର୍ଦ୍ଧାରିତ ସମୟରେ କେହି କାହାରିକୁ ଗୋଲ ଦେଇ ନ ପାରିବାରୁ ପେନାଲିଟି ସୁଟର ସାହାରା ନିଆଯାଇଥିଲା। ସ୍ପୋର୍ଟ୍ସ ହଷ୍ଟେଲ ବାରିପଦା ୪-୨ ଗୋଲରେ ବିଏଫ୍‌ସି କୁଚିଣ୍ଡାକୁ ହରାଇ ପ୍ରଥମ ଦଳ ଭବେ ସିଧା ସେମିଫାଇନାଲ ପର୍ଯ୍ୟାୟକୁ ଉନ୍ନିତ ହୋଇଥିଲା। ମ୍ୟାଚ ପରିଚାଳନାରେ ରେଫରି ଭାବେ ରିୟାଜ୍ କାଦିର୍, ମାନସ ବିଶ୍ୱାଳ, ଉତ୍ତମ ବାରିକ, ଗଗନ ପରିଡା କାର୍ଯ୍ୟସମ୍ପାଦନ କରିଥିଲେ। ହିଙ୍ଗୁଳା କ୍ଲବର ବରିଷ୍ଠ ସଦସ୍ୟ ବ୍ରହ୍ମାନନ୍ଦ ପଟ୍ଟନାୟକ, ହିମାଦ୍ରି ଜେନା, ନନ୍ଦକିଶୋର ବେହେରା, ବିନୋଦ ଜେନା, ବିପିନ ବିହାରୀ ମହାନି, ରବିନ୍ଦ୍ର ତ୍ରିପାଠୀ, ରାମଚନ୍ଦ୍ର ଭଞ୍ଜ, ନାରାୟଣ ପ୍ରତିହାରୀ ତ୍ରୀଲୋଚନ ପରିଡା, ଚିତ୍ତରଞ୍ଜନ ମହାପାତ୍ର, ଚୈତନ ଦେହୁରୀ ସମେତ କ୍ଲବର ଅନେକ ସଦସ୍ୟ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ବ୍ୟବସାୟୀଙ୍କ ଆତ୍ମହତ୍ୟା; କାରଣ ଅସ୍ପଷ୍ଟ

**ଭଦ୍ରକ,୧୯ ।୧(ସମିସ):** ଧାମରା ନିକଟସ୍ଥ ବଇଁଚାଠାରେ ଜଣେ ଯୁବ ବ୍ୟବସାୟୀ ନିଜ ଘରେ ଫାଶି ଦେଇ ଆତ୍ମହତ୍ୟା କରିଛନ୍ତି । ସୂଚନାରୁ ପ୍ରକାଶ ଯେ, ବଇଁଚା ଅଞ୍ଚଳର ଯୁବ ବ୍ୟବସାୟୀ କୃଷ୍ଣ ଜେନା ଜଣେ ଚିଙ୍ଗୁଡି ବ୍ୟବସାୟୀ ଭାବେ ଜଣାଶୁଣା । ଆଜି ପୂର୍ବାହ୍ନ ୧୧ଟା ସମୟରେ କୌଣସି କାରଣ ବଶତଃ ସେ ନିଜ ମାନସିକ ଭାରସାମ୍ୟ ହରାଇ ନିଜ ଶୋଇବା ଘରେ ଥିବା ସିଲିଂଫ୍ୟାନରେ ରଶି ଦେଇ ଆତ୍ମହତ୍ୟା କରିଥିବା ଜଣାଯାଇଛି । ଏ ନେଇ ବାଂଶଡା ଥାନାରେ ଏକ ଲିଖିତ ଅଭିଯୋଗ ହୋଇଥିବା ବେଳେ କେଉଁ କାରଣ ବଶତଃ ସେ ଏଭଳି କାର୍ଯ୍ୟ କଲେ ତଦନ୍ତ ପରେ ବହୁ କଥା ପ୍ରକାଶ ପାଇବ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି ।

**ଏସ୍‌ଏଚ୍‌ଜି ମହିଳାଙ୍କ ଅଭିଯୋଗ**

# ଭୁଲ ଔଷଧରୁ ମରିଗଲେ କୁକୁଡ଼ା

**ବନ୍ତ/ଆଗରପଡ଼ା,୧୯।୧(ସମିସ):**

ବନ୍ତ ବ୍ଲକ ଟିଲୋ କଣ୍ଟାପଡା ଦାସ ସାହି ଗ୍ରାମର ୨୫ଟି କୁକୁଡାଙ୍କୁ ଭୁଲ ଔଷଧ ଦିଆଯିବା ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ଅଭିଯୋଗକାରୀ ମହିଳା ଜଣକ ମଲା କୁକୁଡ଼ାଗୁଡିକ ଧରି ବନ୍ତ ପ୍ରାଣୀ ଚିକିତ୍ସାଳୟ ଆଗରେ ଧାରଣାରେ ବସିଛନ୍ତି । ଟିଲୋ କଣ୍ଟାପଡା ଦାସସାହି ଗ୍ରାମର ଏସ୍‌ଏଚ୍‌ଜି ମହିଳା ଅମ୍ବିକା ଦାସ ସରକାରୀ ସ୍କିମ୍‌ରେ ୨୫ ଗୋଟି କୁକୁଡା ନେଇଥିଲେ । ଶନିବାର ଅତ୍ୟଧିକ ଥଣ୍ଡା ହେବା ଯୋଗୁଁ କୁକୁଡା ଗୁଡିକର ସ୍ୱାସ୍ଥ୍ୟବସ୍ଥା ଖରାପ ହୋଇଥିଲା । ସେ ବନ୍ତସ୍ଥିତ ପ୍ରାଣୀ ଚିକିତ୍ସାଳୟର ଡାକ୍ତରଙ୍କ ସହିତ ଯୋଗାଯୋଗ କରିଥିଲେ । ଅପରାହ୍ନ ସମୟରେ ପ୍ରାଣୀ ଚିକିତ୍ସାଳୟର କେହି ଜଣେ





କର୍ମଚାରୀ ଯାଇ କୁକୁଡ଼ାଗୁଡିକୁ ଔଷଧ ଦେଇ ଆସିଥିଲେ । ମାତ୍ର ରବିବାର ସକାଳେ ସମସ୍ତ କୁକୁଡା ଗୁଡିକ ମୃତ୍ୟୁବରଣ କରିଥିବା ସେ ଅଭିଯୋଗ କରିଛନ୍ତି । ତାଙ୍କ କହିବା ଅନୁଯାୟୀ ସେ ଜଣେ ଗରିବ ମହିଳା ହୋଇଥିବା ବେଳେ ଋଣ ନେଇ କୁକୁଡା ଆଣିଥିଲେ । କିନ୍ତୁ ଭୁଲ ଔଷଧ ଦିଆଯିବାରୁ ତାଙ୍କର ସବୁ କୁକୁଡ଼ା ମରିଗଲେ । ତେଣୁ ନିରୁପାୟ ହୋଇ ତାଙ୍କୁ ନ୍ୟାୟ ପ୍ରଦାନ କରାଯାଉ ବୋଲି ଦାବି କରି ଧାରଣାରେ ବସିଥିବା ବେଳେ ଘଟଣାସ୍ଥଳରେ କୌଣସି ଅଧିକାରୀ ପହଞ୍ଚି ନଥିବା ଜଣାପଡ଼ିଛି । ଘଟଣା ସମ୍ପର୍କରେ ବିଡିଓଙ୍କ ସହିତ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଯୋଗାଯୋଗ ସମ୍ଭବପର ହୋଇପାରିନଥିଲା ।

# ଡାଲି ଜାତୀୟ ଫସଲ ପାଇଁ ସଚେତନତା ଶିବିର

**ଅସୁରାଳି,୧୯ ।୧(ସମିସ):** ଧାମନଗର ବ୍ଲକ୍ ଅନ୍ତର୍ଗତ ଗୋବିନ୍ଦପୁର ପଞ୍ଚାୟତରେ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ଗୋବିନ୍ଦପୁର ସରପଞ୍ଚ ସୁବାସ ଚନ୍ଦ୍ର ମହାକୁଡ, ଉପାଧକ୍ଷା ଟୁନିବାଳା ବିଶ୍ୱାଳ, ସମିତିସଭ୍ୟ ପ୍ରତିନିଧି ରାକେଶ ପତି, ବିଏଓ ଅନୁରାଧା ପଣ୍ଡା, ଏଓ ଦେବାଶିଷ ତ୍ରିପାଠୀ, ଏନ୍‌ଜିଓ ପ୍ରତିନିଧି, ଭିଏଡବ୍ଲ୍ୟୁ ହେମବତି ନାୟକ ଓ ବହୁ ଚାଷୀ ଉପସ୍ଥିତ ରହିଥିଲେ । ଏହି ଡାଲି ଜାତୀୟ ଚାଷ ପାଇଁ ଏକର ପିଛା ଆଠ କିଲୋ ଡାଲି ଜାତୀୟ ବିହନ ମାଗଣାରେ ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଥିଲା । ଡିଲର ଠାରୁ ଡାଲି ଜାତୀୟ କିଟ୍, ସାର, ବିହନ, ହର୍ମୋନ ଓ କୀଟନାଶକ ଔଷଧ ୪୦୫୦ ଟଙ୍କାରେ କିଣିଲେ ସରକାର ଏହାକୁ ସମ୍ପୂର୍ଣ୍ଣ ପ୍ରହସନ ରାଶି ପ୍ରବାଦ କରିବେ ବୋଲି କୃଷି ଅଧିକାରୀ ଜଣାଇ ଥିଲେ । ଧାମନଗର ବ୍ଲକରେ ୩୫୦୦ ହେକ୍ଟର ଜମିରେ ମୁଗ, ୫୦୦ ହେକ୍ଟର ଜମିରେ ବିରି, ୪୦୦୦ ହେକ୍ଟର ଜମିରେ ଡାଲି ଜାତୀୟ ଫସଲ ଚାଷ କରାଯିବ ବୋଲି ଲକ୍ଷ ନିର୍ଦ୍ଧାରିତ କରାଯାଇଛି ବୋଲି କୃଷି ଅଧିକାରୀ ମତବ୍ୟକ୍ତ କରିଛନ୍ତି । ସେହିପରି କୋଠାର, ଗଡ଼ିଆଳି, ହସନାବାଦ ଆଦି ସ୍ଥାନରେ ଏ ବିଷୟରେ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା ।

# ବାଞ୍ଛାନିଧି ହାଇସ୍କୁଲର ବାର୍ଷିକ ଉତ୍ସବ

**ତିହିଡ଼ି,୧୯ ।୧(ସମିସ):** ତିହିଡି ବ୍ଲକ କୁବେରା ପଞ୍ଚାୟତ ଅନ୍ତର୍ଗତ ଜୟପୁରସ୍ଥିତ ବାଞ୍ଛାନିଧି ସରକାରୀ ହାଇସ୍କୁଲର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ସଭାରେ ହାଇସ୍କୁଲର ପ୍ରଧାନଶିକ୍ଷକ ଲକ୍ଷ୍ମୀଧର ପତି ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଦାମୋଦର ଜେନା, ମୁଖ୍ୟବକ୍ତା ଭାବେ ଓଷ୍ଟାର ଜିଲ୍ଲା ସଭାପତି ଶଶିଶେଖର କରଶର୍ମା, ସମ୍ମାନୀତ ଅତିଥି ଭାବେ ଓଷ୍ଟାର ଜିଲ୍ଲା ସମ୍ପାଦକ ପ୍ରଭାତ ପାଣିଗ୍ରାହୀ, ଆଲୁମନି ସଭାପତି ମନୋରଞ୍ଜନ ନାୟକ, ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ମହାନ୍ତି, ସରୋଜ କୁମାର ଦାସ, ରମେଶ ଚନ୍ଦ୍ର ବେହେରା, ପୁରାତନ ଛାତ୍ର ତଥା ଶିକ୍ଷାବିତ ମଦନମୋହନ ନାୟକ, ପ୍ରାକ୍ତନ ଶିକ୍ଷକ ସନାତନ ଜେନା, ଶିକ୍ଷାବିତ ଦୀନବନ୍ଧୁ ସ୍ୱାଇଁ, ପରିଚାଳନା ଅଧ୍ୟକ୍ଷ ହିମାଂଶୁ ବେହେରା, ଶିକ୍ଷକ ବଂଶୀଧର ଦାସ, ପ୍ରାକ୍ତନ ପରିଚାଳନା କମିଟି ଅଧ୍ୟକ୍ଷ ପ୍ରବୀର ନାୟକ, ପ୍ରାକ୍ତନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ନାୟକ ଓ ସିଆରସିସି ବିଭୂତି ଭୂଷଣ ରାଉତ ପ୍ରମୁଖ ଯୋଗ ଦେଇଥିଲେ । ପ୍ରାକ୍ତନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ନାୟକଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ । ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଶିକ୍ଷକ ଶୁଭମ ସାହୁ, ସୁବ୍ରତ ସାହୁ, ଶିକ୍ଷୟିତ୍ରୀ ପିଙ୍କି ପ୍ରିୟଦର୍ଶିନୀ ପଣ୍ଡା, ବନ୍ଦନାରାଣୀ ପଟ୍ଟନାୟକ, ଲିପ୍ସିତା ପଣ୍ଡା, ପ୍ରିୟଙ୍କା ଜେନା, ଅନସୂୟା ସାହୁ, ନମିତା ବିଶ୍ୱାଳ, ଅଭିଲିପ୍ସା ଜେନା, ସବିତା ବେହୁରିଆ, ଲକ୍ଷ୍ମୀପ୍ରିୟା ସାମଲ, ସ୍ୱାଗତିକା ରଥ ସମେତ ଶିକ୍ଷାକର୍ମୀ ମାନସ ସାମଲ, ରଘୁନାଥ ଭଞ୍ଜ ଓ ପ୍ରମୋଦ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ ।

# ନବୋଦୟ ପରୀକ୍ଷା ଦେଲେ ୮୬୩ ଜଣ

**ଧାମନଗର,୧୯ ।୧(ସମିସ):** ଧାମନଗର ବ୍ଲକ ଓ ଏନ୍‌ଏସି ଅଞ୍ଚଳର ୪ଟି ପରୀକ୍ଷା କେନ୍ଦ୍ରରେ ମୋଟ ୮୬୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ଜଣାପଡିଛି । ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟରେ ୩୧୨ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବା ପାଇଁ ପଞ୍ଜୀକରଣ କରିଥିବା ସ୍ଥଳେ ୨୧ ଜଣ ଅନୁପସ୍ଥିତ ଥାଇ ୨୯୧ ଜଣ ପରୀକ୍ଷା ଦେଇଛନ୍ତି । ସେହିପରି ଧୂଷୁରୀ ମୁରଲୀଧର ଉଚ୍ଚ ବିଦ୍ୟାଳୟରେ ୨୧୬ରୁ ୨୭ ଅନୁପସ୍ଥିତ ଥାଇ ୧୮୯ ଜଣ, ଧାମନଗର ବାଳିକା ଉଚ୍ଚ ବିଦ୍ୟାଳୟରେ ୨୪୦ରୁ ୨୨ ଅନୁପସ୍ଥିତି ବେଳେ ୨୧୮ ଜଣ ଓ ଅସୁରାଳି ଉଚ୍ଚ ବିଦ୍ୟାଳୟରେ ୧୯୨ରୁ ୨୭ ଅନୁପସ୍ଥିତି ଥାଇ ୧୬୫ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି । ତେବେ ମୋଟ ୯୬୦ ଜଣ ପରୀକ୍ଷା ଦେବା ସ୍ଥଳେ ୯୭ ଜଣ ଅନୁପସ୍ଥିତ ଥାଇ ୮୬୩ ଜଣ ପରୀକ୍ଷା ଦେଇଛନ୍ତି ବୋଲି ସୂଚନା ମିଳିଛି । ବିଭିନ୍ନ କେନ୍ଦ୍ର ନୀରିକ୍ଷକ ଭାବେ ପ୍ରଧାନ ଶିକ୍ଷକ ରମଣୀରଞ୍ଜନ ରାଉତ, ଚିତରଞ୍ଜନ ସେନାପତି, ଅକ୍ଷୟ ହୋତା, ସସ୍ମିତା ପାତ୍ର ପ୍ରମୁଖ ଉପସ୍ଥିତ ରହି ପରୀକ୍ଷା ଅଧୀକ୍ଷକ ଦାୟିତ୍ୱ ତୁଲାଇ ଥିବା ବେଳେ ଡିକେ ସିଂ, ଭୀମସେନ ହୋ,ଏସ ଏସ ନାୟକ, କେ ଯାଦବ ପ୍ରମୁଖ ପରୀକ୍ଷା ନିୟନ୍ତ୍ରକ ଭାବେ କାର୍ଯ୍ୟ କରିଥିଲେ ।

# ଅଖିଳ ଭାରତୀୟସଂସ୍କୃତି ଜ୍ଞାନ ପରୀକ୍ଷା

**ଅସୁରାଳି,୧୯ ।୧(ସମିସ):** ଶିକ୍ଷା ବିକାଶ ସମିତି ଓଡ଼ିଶା ଯୋଜନା ଅନୁସାରେ ସଂସ୍କୃତିବୋଧ ଅଭିଯାନର ଧାମନଗର ବ୍ଲକ୍ ଧୂଷୁରୀ ସ୍ଥିତ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରରେ ଆଚାର୍ଯ୍ୟା ଓ ଅଭିଭାବକମାନଙ୍କର ସଂସ୍କୃତି ଜ୍ଞାନ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରବେଶିକାରେ ୭୭ଜଣ, ମଧ୍ୟମାରେ ୫ ଜଣ, ଉତ୍ତମାରେ ଜଣେ ସର୍ବମୋଟ ୮୩ ଜଣ ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ । ପରୀକ୍ଷାରେ ୫୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା ପରୀକ୍ଷାର୍ଥୀମାନଙ୍କୁ ପ୍ରମାଣପତ୍ର ଦିଆଯିବ ବୋଲି ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରମାପଦ ରଣା ଘୋଷଣା କରିଥିଲେ । ପରୀକ୍ଷା ପ୍ରମୁଖ ଦମୟନ୍ତୀ ସାହୁ ଆଚାର୍ଯ୍ୟା ରଶ୍ମିତା ସାହୁ, ସରୋଜିନୀ ଯେନା, ରାଧାସ୍ମିତା ମୁଦୁଲି , ପିଙ୍କିରାଣୀ ମାଝୀ ଓ ଜ୍ୟୋତିପ୍ରଭା ସାହୁ ପରୀକ୍ଷା ପରିଚାଳନା ଓ ପରୀକ୍ଷା ଖାତା ମୂଲ୍ୟାୟନ କରିଥିଲେ ।

# ମୃତ ପ୍ରବାସୀ ଶ୍ରମିକଙ୍କୁ ଜିଲ୍ଲା ପ୍ରଶାସନର ସହାୟତା

**ଭଦ୍ରକ,୧୯ ।୧(ସମିସ):** ତାମିଲନାଡୁରେ ମୃତ୍ୟୁବରଣ କରିଥିବା ଭଦ୍ରକ ଜିଲ୍ଲା ବଳଭଦ୍ରପୁର ଗ୍ରାମର ପ୍ରବାସୀ ଓଡ଼ିଆ ଶ୍ରମିକ ପବିତ୍ର କୁମାର୍ ସ୍ୱାଇଁଙ୍କ ମରଶରୀର ଗାଁକୁ ଫେରିଛି । ଭଦ୍ରକ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟର ପ୍ରେମ ମଞ୍ଜରୀ ନାୟକ, ଜିଲ୍ଲା ଶ୍ରମ ଅଧିକାରୀ ଓ ରତ୍ନାକର ମଲ୍ଲିକ, ସହକାରୀ ଶ୍ରମ ଅଧିକାରୀ ଉପସ୍ଥିତ ରହି ତାଙ୍କ ମରଶରୀରକୁ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିବାରେ ସହଯୋଗ କରିଥିଲେ । ଏହା ସହିତ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧୀନରେ ପଞ୍ଜିକୃତ ମୃତ ପ୍ରବାସୀ ଶ୍ରମିକଙ୍କର ଅନ୍ତେଷ୍ଟି କ୍ରିୟା ଜନିତ ସହାୟତା ରାଶି ପ୍ରଦାନ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇଛି ।

# ଶ୍ରମିକ-କୃଷକ ସଂହତି ଦିବସ




**ଭଦ୍ରକ,୧୯ ।୧(ସମିସ):** ଶ୍ରମିକ ଓ ଚାଷୀ ମାନଙ୍କ ବିଭିନ୍ନ ଦାବି ନେଇ ୧୯୮୨ ମସିହା ଜାନୁଆରୀ ୧୯ ତାରିଖରେ ଆମ ଦେଶର ପ୍ରଥମ ସଂଗଠିତ ସର୍ବଭାରତୀୟ ସାଧାରଣ ଧର୍ମଘଟ ଅନୁଷ୍ଠିତ ହୋଇଥିଲା । ଏହି ସର୍ବଭାରତୀୟ ସାଧାରଣ ଧର୍ମଘଟକୁ ତତ୍କାଳୀନ ଶାସକ ଶ୍ରେଣୀ ଭାରତର ବିଭିନ୍ନ ସ୍ଥାନରେ ଗଂଭଳିସ ଲଗାଇ ଦମନ କରିଥିଲା । ଏହି ଐତିହାସିକ ଆନ୍ଦୋଳନରେ ସହିଦମାନଙ୍କ ସ୍ମୃତିରେ ଶ୍ରମିକ- କୃଷକ ସଂହତି ଦିବସ ଦେଶବ୍ୟାପୀ ପାଳନ ହୋଇଯାଇଛି । ଏହି ଅବସରରେ ସିଆଇଟିୟୁ ଭଦ୍ରକ ଜିଲ୍ଲା ସଭାପତି ଦିବ୍ୟସିଂହ ନାୟକଙ୍କ ସଭାପତିତ୍ୱରେ ଏକ ପଥପ୍ରାନ୍ତ ସଭା ଭଦ୍ରକ କଚେରୀ ବଜାର ସ୍ଥିତ ଷ୍ଟେଟ ବ୍ୟାଙ୍କ ଛକ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଓଡିଶା କୃଷକ ସଭା ରାଜ୍ୟ ଯୁଗ୍ମ ସଂପାଦକ ବିକାଶ ନାଥ, ଓଡିଶା କ୍ଷେତମଜଦୁର ୟୁନିୟନ ଜିଲ୍ଲା ସଂପାଦକ ଗିରିଧାରୀ ନାଥ, ଓଡିଶା କୃଷକ ସଭା ପୂର୍ବତନ ଜିଲ୍ଲା ସଂପାଦକ ବରିଷ୍ଠ ଅଧିବକ୍ତା ଶଶିଭୂଷଣ ପଣ୍ଡା, ସିଆଇଟିୟୁ ଜିଲ୍ଲା ସଂପାଦକ କାଳନ୍ଦୀ ପାତ୍ର, ସିଆଇଟିୟୁ ଜିଲ୍ଲା ଉପସଭାପତି ରାଧାନାଥ ଦାସ, କର୍ମଚାରୀ ନେତା ବାମଦେବ ମିଶ୍ର, ନବକିଶୋର ବେହେରା, ପୂର୍ଣ୍ଣଚନ୍ଦ୍ର ଦାସ, ଏକ୍ରାମ ଖାନ୍, ଯୁବ ନେତା ବିନୋଦ ସାହୁ, ଛାତ୍ର ନେତା ଶୁଭମ୍ ବେହେରା ପ୍ରମୁଖ ଐତିହାସିକ ସର୍ବଭାରତୀୟ ସାଧାରଣ ଧର୍ମଘଟ ସଂପର୍କରେ ଆଲୋଚନା କରିଥିଲେ ।

# ହିମସାରମନା ସାହିତ୍ୟ ପରିଷଦର ବାର୍ଷିକ ଉତ୍ସବ

**ଭଣ୍ଡାରିପୋଖରୀ,୧୯ ।୯ (ସମିସ):** ଗାୟକ କଳାକାର ଅନିରୁଦ୍ଧ ପାଣିଗ୍ରାହୀଙ୍କ ସ୍ମୃତିରେ ଗଠିତ ଅଗ୍ରଣୀ ସାହିତ୍ୟନୁଷ୍ଠାନ ଷୋଳମପୁର ହିମସାରମନା ସାହିତ୍ୟ ପରିଷଦର ଦ୍ୱାଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପଣ୍ଡିତ ହରେକୃଷ୍ଣ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବର ସାହିତ୍ୟ ମଞ୍ଚକୁ ଷୋଳମପୁର ସରପଞ୍ଚ ପରମାନନ୍ଦ ନାୟକ ଉଦଘାଟନ କରିଥିଲେ । ମୁଖ୍ୟଅତିଥି ପ୍ରାବନ୍ଧିକ ଅମରେଶ ବିଶ୍ୱାଳ, ମୁଖ୍ୟବକ୍ତା ବିଶିଷ୍ଟ ଗାୟକ ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ, ଅନ୍ୟତମ ବକ୍ତା ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ସ୍ତମ୍ଭକାର ରାକେଶ ପଣ୍ଡା, ବ୍ୟଙ୍ଗକବି ଗୋଲକ ଚନ୍ଦ୍ର ମହାନ୍ତି, ସାହିତ୍ୟପ୍ରେମୀ ଅଜୟ ଘଡ଼ାଇ, ସାହିତ୍ୟକ ବାମନ ଚରଣ ଜେନା ଯୋଗଦେଇଥିଲେ । ଏହି ଅବସରରେ ସାହିତ୍ୟ ପରିଷଦର ମୁଖପତ୍ର "ପବନସୂତ' ସହ କବି ପ୍ରାଣକୃଷ୍ଣ ସାହୁଙ୍କ "ପୁଷି ମାଉସୀ' ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା । ସାହିତ୍ୟ ପରିଷଦ ପକ୍ଷରୁ ଗାୟକ ପ୍ରଫୁଲ୍ଲ ଆଚାର୍ଯ୍ୟ, ଗାୟକ ବାଗିଶ ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ, କବି ଅଞ୍ଜଳି କୁମାର କର, ଶିକ୍ଷାବିତ ମମତାଜ ବେଗମ, ଗୀତିକାର କୃଷ୍ଣଚନ୍ଦ୍ର ଦାସଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ରାଜ୍ୟସ୍ତରୀୟ କବିତା ପାଠୋତ୍ସବ କାର୍ଯ୍ୟକ୍ରମରେ ସାହିତ୍ୟିକା ଜାନକୀ ପାଢ଼ୀ ସଂଯୋଜନା କରିଥିବା ବେଳେ ଅତିଥିଭାବେ କବି ଦୟାନିଧି ମିଶ୍ର, ସମାଜସେବୀ ବିଜୟ ଦାସ, ସାହିତ୍ୟିକା ନିର୍ମଳା ମିଶ୍ର, କବି କାମେଶ୍ୱର ପଣ୍ଡା, ସାହିତ୍ୟିକ ବୃନ୍ଦାବନ ସାହୁ, ଯୋଗଦେଇଥିଲେ । କବି ଅଜୟ ସାମଲ, ରମାକାନ୍ତ ବେହେରା, ଜଗନ୍ନାଥ ସାମଲ, ମୁରଲୀଧର ଦାସ, ନଟବର ଦାସ, ଅଶୋକ ନାୟକ ବୈଦନାଥ ପଣ୍ଡା ପ୍ରମୁଖ କବି ମାନେ ୫୦ରୁ ଉର୍ଦ୍ଧ୍ୱ ସ୍ୱରଚିତ କବିତା ପାଠ କରିଥିଲେ । ସାଂସ୍କୃତିକ ସଙ୍ଗୀତ ନୃତ୍ୟ କାର୍ଯ୍ୟକ୍ରମରେ ପାଲା ଗବେଷକ ଯଦୁମଣି ଦାସ, ସ୍ଥାନୀୟ ଶିଶୁ ମନ୍ଦିର ଗୁରୁଜୀ ଶରତ ବେହୁରିଆ, ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ନବକିଶୋର ପରିଡ଼ା, କୋଷାଧକ୍ଷ ରମାକାନ୍ତ ସାହୁ, ସୁବାସିନୀ ନାୟକ, କଳାକାର ରାମଚନ୍ଦ୍ର ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିବା ବେଳେ ୨୦ରୁ ଉର୍ଦ୍ଧ୍ୱ ନୃତ୍ୟ ପ୍ରତିଯୋଗୀ ନୃତ୍ୟ ପରିବେଷଣ କରିଥିଲ । ସମ୍ପାଦକ ଦାମୋଦର ନାୟକ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସହ ସମ୍ପାଦକ ବିଶ୍ୱମ୍ବର ରାଉତ ପ୍ରଦାନ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ ।



# ବରିଷ୍ଠ ନାଗରିକ ପରିଷଦର ବାର୍ଷିକ ସମାରୋହ




**ଧାମନଗର,୧୯ ।୧(ସମିସ):** ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟପରିସରରେ ଧାମନଗର ବରିଷ୍ଠ ନାଗରିକ ପରିଷଦର ୮ମ ବାର୍ଷିକ ସମାରୋହ ଓ ସାଧାରଣ ଅଧିବେଶନ ତଥା ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି । ପରିଷଦ ସଭାପତି ଅନୀଲ କୁମାର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ସମ୍ମାନିତ ଅତିଥି ଭାବେ ଧାମନଗର ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା, ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘ ସଭାପତି ଲଲାଟେନ୍ଦୁ ମହାନ୍ତି, ଚିକିତ୍ସକ ଡାକ୍ତର ଅଜିତ ପ୍ରସାଦ ଯେନା ପ୍ରମୁଖ ଯୋଗ ଦେଇଥିଲେ । ଉତ୍ସବରେ ବୟୋଜ୍ୟେଷ୍ଠ ବ୍ୟକ୍ତି ଶିକ୍ଷାବିତ୍ ନିରାକାର ମହାନ୍ତି, ମୁରଲୀଧର ସାହୁ, ଲମ୍ବୋଦର ମହାନ୍ତି, ଯୁବ ସଂଗଠକ କୈଳାସ ଚନ୍ଦ୍ର ମହାପାତ୍ର, ତପନ ବେହେରା ପ୍ରମୁଖଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପୂର୍ବରୁ ପରିଷଦର ସଦସ୍ୟଙ୍କ ବିୟୋଗରେ ଦିବଂଗତ ଆତ୍ମାର ସଦଗତି ନିମନ୍ତେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ ମହେଶ୍ୱର ସ୍ୱାଇଁ, ବେଦ ପାଠ ଅନନ୍ତ ଭୂଷଣ ମିଶ୍ର, ମଞ୍ଚ ସଞ୍ଚାଳନ ରାମଚନ୍ଦ୍ର ସାହୁ, ସ୍ୱାଗତ ଅଭିଭାଷଣ ଦଶରଥ ଦାସ, ଅତିଥି ପରିଚୟ ଭୋଳାନାଥ ସାହୁ, ସାଧାରଣ ସମ୍ପାଦକ ଶଚୀକାନ୍ତ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ପରିଷଦ ଉପସଭାପତି ସୁରଥ ଚନ୍ଦ୍ର ସେଠୀ, କୋଷାଧ୍ୟକ୍ଷ ଇଂ.ନୃସିଂହ ଚରଣ ନାୟକ, ଯୁଗ୍ମ ସମ୍ପାଦକ ହୃଦାନନ୍ଦ କର, ଗୋଲାମ ଜିଲାନି ହବିବିଙ୍କ ସମେତ ପରିଷଦର ସଦସ୍ୟ ଓ ସଦସ୍ୟା ବୃନ୍ଦ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।। ବରିଷ୍ଠ ସଦସ୍ୟ ଅଭିମନ୍ୟୁ ମଲ୍ଲିକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆଇନସେବା ପ୍ରାଧିକରଣ ପକ୍ଷରୁ ସଚେତନତା ଶିବିର



**ଭଦ୍ରକ,୧୯ ।୧(ସମିସ):** ଭଦ୍ରକ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ଭଦ୍ରକର ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଉତରବାହିନୀ ସ୍ଥିତ ସାଳନ୍ଦୀ ଡ଼ିଗ୍ରୀ ମହାବିଦ୍ୟାଳୟ ଠାରେ ସୁପ୍ରିମକୋର୍ଟର ନ୍ୟାୟକୁ ବିଚାର କୃତ୍ରିମଜ୍ଞାନ କୌଶଳ ଏବଂ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଆଇନ୍, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଆଇନ୍, ସିଭିଲ ଓ ଫୌଜଦାରୀ ଆଇନ୍ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ସଚିବ ନେହା ଅଗ୍ରୱାଲ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ସାଳନ୍ଦୀ ଡ଼ିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ରାଜଶ୍ରୀ ନାୟକ, ସହାୟକ ଏଲ୍‌ଏଡିଏସ୍ ଭଦ୍ରକ ତଥା ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର କର୍ମୀ ତାପସ କୁମାର ମହାନ୍ତି, ବହ୍ନିଶିଖା ବିଶ୍ୱାଳ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ୧୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ ।

**● ନଦୀଗାଁ ପ୍ରିମିୟର ଲିଗ୍ ଉଦ୍‌ଘାଟିତ**

# ପଲାସାହି ସେମି ଫାଇନାଲକୁ ଉନ୍ନୀତ

**ଅସୁରାଳି,୧୯ ।୧(ସମିସ):** ନଦୀଗାଁ ପ୍ରିମିୟର ଲିଗ୍ ଉଦଘାଟିତ ହୋଇଯାଇଛି । ପ୍ରଥମ ମ୍ୟାଚ ତିନିଘରିଆ ଓ ଶୋଳଗାଁ ଇଲେଭେନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଶୋଳଗାଁ ଇଲେଭେନ ବିଜୟ ହାସଲ କରିଥିଲା । ଦ୍ୱିତୀୟ ମ୍ୟାଚ୍ ପଲାସାହି ଓ ବଉଳାଙ୍ଗ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ମ୍ୟାଚ୍‌ରେ ପଲାସାହି ଟିମ୍ ଜିତିଥିଲା । ବିଜୟ ଲାଭ କରିଥିବା ଟିମ୍ ତଥା ପରବର୍ତ୍ତୀ ମୁହୂର୍ତ୍ତରେ ପଲାସାହି ଓ ଶୋଳଗାଁ ଇଲେଭେନ୍ ମଧ୍ୟରେ ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଉକ୍ତ ମ୍ୟାଚ୍‌ରେ ପଲା ସାହି ବ୍ୟାଟିଂ କରି ୧୦୦ ରନ ସଂଗ୍ରହ କରିଥିଲା ବେଳେ ଏହାର ଜବାବରେ ଶୋଳଗାଁ ୭ଟି ୱିକେଟ ହରାଇ ୯୨ ରନ୍ ସଂଗ୍ରହ କରିଥିଲେ । ଫଳରେ ପଲାସାହି ସେମି ଫାଇନାଲକୁ ଉନ୍ନୀତ ହୋଇଥିଲା । ଧାରାବିବରଣୀ ଲକ୍ଷ୍ମଣ ସାହୁ, କ୍ରୀଡ଼ା ପରିଚାଳନା ସୁଦୀପ୍ତ ସାମଲ, ତପୁ ନାୟକ କରିଥିଲେ । ଉଦଘାଟନୀ ଅବସରରେ ପ୍ରଥମାର୍ଦ୍ଧରେ ଅତିଥି ଭାବେ ନଦି ଗାଁ ସରପଞ୍ଚ ସୀତାକାନ୍ତ ମିଶ୍ର, ପୂର୍ବତନ ସରପଞ୍ଚ ନିରଞ୍ଜନ ମାଝୀ, ହରିହର ବେହେରା, ଅତୀଶ ନାୟକ, ସତେନ୍ଦୁ ନାୟକ, କମଳାକାନ୍ତ ଦାସ, ବିଶ୍ୱଭୂଷଣ ନାୟକ । ଦ୍ୱିତୀୟାର୍ଦ୍ଧରେ ଧୂଷୁରୀ ପ୍ରେସ ୟୁନିଅନର ସଭାପତି ସନ୍ତୋଷ ଦାସ, ସମ୍ପାଦକ ଦୀପ୍ତି ରଞ୍ଜନ ନାୟକ, କୋଷାଧକ୍ଷ ରତିକାନ୍ତ ନାୟକ ପ୍ରମୁଖ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ ।



# ଧାନକ୍ରୟ ଅଧିକାରୀଙ୍କ ବଦଳି ନିଷ୍ପତ୍ତିକୁ ବିରୋଧ

**ଭଣ୍ଡାରିପୋଖରୀ,୧୯।୧(ସମିସ)**

ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ତେସିଙ୍ଗା ପ୍ରାଥମିକ କୃଷି ସମବାୟ ସମିତିର ଧାନକ୍ରୟ ଅଧିକାରୀ ରାଜେନ୍ଦ୍ର କୁମାର ଖଣ୍ଡାଇଙ୍କୁ ଗତ ୧୮ ତାରିଖରେ ଜିଲ୍ଲା ପ୍ରଶାସନ ସହମତି ଆଧାରରେ ବଦଳ ନିଷ୍ପତ୍ତିକୁ ପ୍ରଶ୍ନ କରିଛନ୍ତି ସଂପୃକ୍ତ ପାକ୍ସ ପରିଚାଳନା ପରିଷଦ ସଭାପତି । ଗତ ୧୬ ତାରିଖରେ ତେସିଙ୍ଗା ପାକ୍ସ ଧାନକ୍ରୟ ଅନିୟମିତତା ସମ୍ପର୍କରେ ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ ହୋଇଥିଲା । ଏହାର ସମାଧାନ ସହ କ୍ରୟ ଅଧିକାରୀ ଶ୍ରୀ ଖଣ୍ଡାଇ ଅସୁସ୍ଥତା କାରଣ ଦର୍ଶାଇ ଚଳିତ ଧାନକ୍ରୟ ଦାୟୀତ୍ୱରୁ ଅବ୍ୟାହତି ନେବାକୁ ଇଚ୍ଛା ପ୍ରକାଶ କରି ଜିଲ୍ଲା ସମବାୟ ସମୂହ ଉପନିବନ୍ଧକଙ୍କୁ ପତ୍ର ଲେଖିଥିଲେ । ଜିଲ୍ଲା ସମବାୟ ସମୂହ ଉପନିବନ୍ଧକ ଏହା ଉପରେ ତତ୍କାଳ ପଦକ୍ଷେପ ନେଇ ନେରଡା ପାକ୍ସ ପରିଚାଳନା ପରିଷଦର ଅନୁମୋଦନ କ୍ରମେ ନେରଡା ପାକ୍ସ ସମ୍ପାଦକ ସୌମ୍ୟରଞ୍ଜନ ପଣ୍ଡାଙ୍କୁ ତେସିଙ୍ଗା କ୍ରୟ ଅଧିକାରୀ ଭାବେ ଦାୟୀତ୍ୱ ଦେବାକୁ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ପତ୍ର ଲେଖିଥିଲେ । ସେହିଦିନ ଜିଲ୍ଲାପାଳଙ୍କ ଅନୁମୋଦନ କ୍ରମେ ଯୋଗାଣ ବିଭାଗ ଆଦେଶ ଅନୁଯାୟୀ ଶ୍ରୀ ପଣ୍ଡାଙ୍କୁ ଶ୍ରୀ ଖଣ୍ଡାଇଙ୍କ ସ୍ଥାନରେ ତେସିଙ୍ଗା କ୍ରୟ ଅଧିକାରୀ ଭାବେ ଅତିରିକ୍ତ ଦାୟୀତ୍ୱ ଅର୍ପଣ କରିଥିଲେ । ମାତ୍ର ରବିବାର ତେସିଙ୍ଗା ପାକ୍ସ ପରିଚାଳନା ପରିଷଦର ସଙ୍କଳ୍ପ ଆଧାରରେ ସଭାପତି ନାରାୟଣ ଚନ୍ଦ୍ର ଦାଶ ଏହି ବଦଳି ଆଦେଶକୁ ପ୍ରଶ୍ନ ଉଠାଇଛନ୍ତି । ତେସିଙ୍ଗା ପାକ୍ସରେ ଏକ ନିର୍ବାଚିତ ପରିଚାଳନା ପରିଷଦ ରହିଛି । ତେସିଙ୍ଗା ପାକ୍ସ ଧାନକ୍ରୟ ଅଧିକାରୀଙ୍କ ଅନିଚ୍ଛା ପତ୍ର ସମ୍ପର୍କରେ ନିର୍ବାଚିତ ପରିଷଦର ବିନା ଅନୁମୋଦନରେ ଜିଲ୍ଲା ପ୍ରଶାସନ ନିଷ୍ପତି ନେବା ବୈଧତାକୁ ନେଇ ଶ୍ରୀ ଦାଶ ପ୍ରଶ୍ନ ଉଠାଇଛନ୍ତି । ଧାନକ୍ରୟ ସମ୍ପର୍କରେ ଭବିଷ୍ୟତରେ ଯାହା କିଛି ଅସୁବିଧା ହେବ ସେଥିନେଇ ନିର୍ବାଚିତ ପରିଚାଳନା ପରିଷଦକୁ ଆଉ ପରାମର୍ଶ କରିବା ଅନାବଶ୍ୟକ । ଏଥିନେଇ ଜିଲ୍ଲା ପ୍ରଶାସନ ଦାୟୀ ରହିବ ବୋଲି ଶ୍ରୀ ଦାଶ ଚେତାବନୀ ଦେଇଛନ୍ତି । ଏଠାରେ ପ୍ରକାଶ ଯୋଗ୍ୟ ଯେ ଏହି ପାକ୍ସରେ ୧୮ ତାରିଖ ସୁଦ୍ଧା ୧୪ ଜଣ ଚାଷୀଙ୍କ ଠାରୁ ୯୧୬ କ୍ୱିଣ୍ଟାଲ ଧାନ କ୍ରୟ କରାଯାଇଛି । ସେଥିମଧ୍ୟରୁ ୭ ଜଣ ଚାଷୀଙ୍କୁ ୧୦ ଲକ୍ଷ ୮୮ ହଜାର ୭୭୪ ଟଙ୍କା ପୈଠ ହୋଇଛି । ଏହି ସମୟରେ ମଧ୍ୟରେ ପାକ୍ସକୁ ୮ହଜାର ୯୧୭ କ୍ୱିଣ୍ଟାଲ ଧାନକ୍ରୟ ଟାର୍ଗେଟ ମିଳିଛି । ଏବେ କ୍ରୟ ଅଧିକାରୀ ବିବାଦ ଆରମ୍ଭ ହୋଇଥିବାରୁ ଧାନକ୍ରୟ ବାଧାପ୍ରାପ୍ତ ହେବା ଆଶଙ୍କା ପ୍ରକାଶ ପାଇଛି । ଏହି ସମସ୍ୟା ସମ୍ପର୍କରେ ପ୍ରଶାସନ ଅବଗତ ଅଛି । ସମିତିରେ ଧାନକ୍ରୟ ବାଧାପ୍ରାପ୍ତ ହେବ ନାହିଁ ବୋଲି ଭାରପ୍ରାପ୍ତ ସମବାୟ ସମ୍ପ୍ରସାରଣ ଅଧିକାରିଣୀ ଋତୁପୂର୍ଣ୍ଣା ସାହୁ ସୂଚନା ଦେଇଛନ୍ତି ।



### କୋରେଇ ବିଜୁ ଜନତା ଦଳ ପକ୍ଷରୁ ସଭ୍ୟ ସଂଗ୍ରହ ଆରମ୍ଭ

# ସରକାରଙ୍କ ଜନବିରୋଧୀ କାର୍ଯ୍ୟ ସମ୍ପର୍କରେ ଲୋକଙ୍କୁ ଅବଗତ କର

**ବ୍ୟାସନଗର, ୧୯ ।୧(ସମିସ)**

ରବିବାର କୋରେଇ ନିର୍ବାଚନମଣ୍ଡଳୀ ଅର୍ନ୍ତଗତ ରସୁଲପୁର ବ୍ଲକ ଲକ୍ଷ୍ମୀନଗର ପଞ୍ଚାୟତ ବିଜୁ ଜନତା ଦଳ ପକ୍ଷରୁ ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ ହୋଇଛି । ସ୍ଥାନୀୟ ବାଲିଆପଶି କାଜୁ ପଡ଼ିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜୁ ଜନତା ଦଳର ବିଭିନ୍ନ ଛାମୁଆ କର୍ମକର୍ତ୍ତା ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଦଳର ପୂର୍ବ ବିଭିନ୍ନ ଲୋକଭିମୁଖୀ ଯୋଜନାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ସହିତ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଜନକଲ୍ୟାଣକାରୀ ପଦକ୍ଷେପ ସମ୍ପର୍କରେ ଲୋକଙ୍କୁ ବୁଝାଇବାକୁ ପରାମର୍ଶ ଦେଇଥିଲେ । ବର୍ତ୍ତମାନର ସରକାରଙ୍କ ଜନବିରୋଧୀ କାର୍ଯ୍ୟକଳାପ ସମ୍ପର୍କରେ ଲୋକଙ୍କୁ ଅବଗତ କରିବାକୁ ପରାମର୍ଶ ଦିଆଯାଇଚି ।

ଉକ୍ତ କାର୍ଯ୍ୟକ୍ରମରେ ଛାମୁଆ କର୍ମକର୍ତ୍ତା କର୍ମୀଙ୍କୁ ଗୁରୁମନ୍ତ୍ର ଦେବା ସହିତ ସାଧାରଣ ଲୋକଙ୍କ ସହ ରହି କାର୍ଯ୍ୟ କରିବା, ଲୋକଙ୍କୁ ଦଳର ବିଚାରଧାରାରେ ସାମିଲ କରି ସଭ୍ୟ ସଂଗ୍ରହ ଅଭିଯାନକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ । ଆଗାମୀ ଦିନରେ ପଞ୍ଚାୟତ ନିର୍ବାଚନ ଥିବାରୁ ଦଳକୁ ମଜବୁତ କରିବାକୁ କର୍ମୀଙ୍କୁ ପରାମର୍ଶ ଦେବା ସହିତ ସଭ୍ୟ ସଂଗ୍ରହ ଦଳର ମେରୁଦଣ୍ଡ ସଦୃଶ ବୋଲି କହିଥିଲେ । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନକଲ୍ୟାଣକାରୀ ବିଚାର ଧାରାରେ ଲୋକଙ୍କୁ ସାମିଲ କରିବା, ସର୍ବୋପରି ଦଳର ୩ ମୁଖ୍ୟ ମହିଳା, ଯୁବ, ଛାତ୍ର ଶାଖାର ସୁଦୃଢ଼ିକରଣକୁ ପ୍ରାଧାନ୍ୟ ଦିଆଯାଇଥିଲା । ଆଗାମୀ ଦିନରେ ରଙ୍ଗମରା ସରକାର ବିରୋଧରେ ଲୋକଙ୍କୁ ବୁଝାଇ ନବୀନ ବାବୁଙ୍କ ନେତୃତ୍ୱରେ ଲୋକଙ୍କ ସରକାର ପ୍ରତିଷ୍ଠା ଲକ୍ଷ୍ୟ ରହିଥିବା ମତ ପ୍ରକାଶ ପାଇଥିଲା । ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ଭଳି ଜଣେ ଦକ୍ଷ ସଂଗଠକ ପାଇ ଆମେ ଏହି ସଭ୍ୟ ସଂଗ୍ରହ ଅଭିଯାନରେ ଅଧିକରୁ ଅଧିକ ସଭ୍ୟ ସଂଗ୍ରହ ଲକ୍ଷ୍ୟ ରଖିବା ବୋଲି ମତ ପ୍ରକାଶ ପାଇଥିଲା ।



ବିଜୁ ମହିଳା ଜନତା ଦଳର ସଭ୍ୟ ସଂଗ୍ରହ ଅଭିଯାନର ସଂଯୋଜିକା ତପସ୍ୱିନୀ ଶତପଥୀ ଉପସ୍ଥିତ ରହି ଦଳରେ ଶତାଧିକ କର୍ମୀଙ୍କୁ ଡିଜିଟାଲ ମାଧ୍ୟମରେ ଯୋଡିବା ସହିତ କର୍ମୀ କିପରି ଅଧିକରୁ ଅଧିକ ସଭ୍ୟ ସାମିଲ ହୋଇପାରିବେ, ସେ ବିଷୟରେ ଦିଗଦର୍ଶନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଜେଡି ନେତା ତଥା ପହଙ୍ଗା ସରପଞ୍ଚଙ୍କ ପ୍ରତିନିଧି ବିଜୟ ଘଡ଼ାଇ, ବରିଷ୍ଠ ବିଜେଡି ନେତା ତଥା ପଞ୍ଚାୟତ ସଭାପତି ସଞ୍ଜୟ ପ୍ରଧାନ, ଲକ୍ଷ୍ମୀନଗର ସମିତିସଭ୍ୟ ବିକ୍ରମ ରାଜ, ଜିଲ୍ଲା ଡିଜିଟାଲ ସମ୍ପାଦକ କୁନାଚନ୍ଦ୍ର ପାଢ଼ୀ, ଲକ୍ଷ୍ମୀନଗର ଯୁବ ବିଜେଡି ସଭାପତି ବଳରାମ ଜେନା, ଯୁବ ବିଜେଡି ନେତା ରାଜକିଶୋର ପାଢ଼ୀ, ସତ୍ୟାନନ୍ଦ ସାହୁ, ଗଦାଧର ଜେନା, ଅଜାତଶତ୍ରୁ ଦାସ, ମଙ୍ଗୁଳି ରଣା, ହିମାଂଶୁ ପାଢ଼ୀ, ପବିତ୍ର ମଲ୍ଲିକ, ନକୁଳ ମହାରଣା, ସର୍ବେଶ୍ୱର ସାହୁ, ବିଷ୍ଣୁଚରଣ ସାହୁଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ରହି ସଭ୍ୟ ସଂଗ୍ରହ ଅଭିଯାନକୁ ବ୍ୟାପକ କରିବାକୁ ଆହ୍ୱାନ ଦେଇଥିଲେ ।

### ରାଜେନ୍ଦ୍ର-ସୁଧାଂଶୁ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ତ୍ରିରଙ୍ଗା କ୍ଲବ୍ ଚାମ୍ପିଅନ୍, ମା' ମଙ୍ଗଳା ରନର୍ସଅପ୍



**ରଗଡ଼ି, ୧୯ ।୧(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ତଳଗଡ଼ ପଞ୍ଚାୟତ ଉପୁଳାଇ ମା'ତାରିଣୀ କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୧୩ତମ ରାଜେନ୍ଦ୍ର-ସୁଧାଂଶୁ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହୋଇଛି । ଉପୁଳାଇର ତ୍ରିରଙ୍ଗା କ୍ରିକେଟ୍ କ୍ଲବ୍ ଚଣ୍ଡାଳିର ମା' ମଙ୍ଗଳା କ୍ରିକେଟ କ୍ଲବ୍‌କୁ ହରାଇ ଚାମ୍ପିଅନ ହୋଇଛି । ତ୍ରିରଙ୍ଗା କ୍ଲବ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୩ ୱିକେଟ ହରାଇ ୧୨୨ ରନ୍ କରିଥିଲା । ଜବାବରେ ମା' ମଙ୍ଗଳା ସମସ୍ତ ଓଭର ଖେଳି ୯ ୱିକେଟରେ ୮୬ ରନ କରିବାକୁ ସକ୍ଷମ ହୋଇଥିଲା । ସାମ୍ବାଦିକ ପବିତ୍ରମୋହନ ରାଉତରାୟଙ୍କ ସଂଯୋଜନାରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବେ ଅଶୋକ ଦାସ ଫାଉଣ୍ଡେସନର ସଚିବ ଭବପ୍ରସାଦ ଦାସ, ସମ୍ମାନିତ ଅତିଥି ସ୍ଥାନୀୟ ସରପଞ୍ଚ ସନ୍ତୋଷ ସ୍ୱାଇଁ, ସମିତିସଭ୍ୟା ବବିତା ନାୟକ, ଜିଲ୍ଲା ବିଜେଡି ଯୁବ ସଭାପତି ପ୍ରତାପ ମହାନ୍ତି, ଯୁବ ନେତା ରାକେଶ ମହାନ୍ତି, ସମାଜସେବୀ ସୁବାସ ମିଶ୍ର, ଟୁନା ଗୁରୁ, ପୀତବାସ ସ୍ୱାଇଁ ଓ ନିମନ୍ତ୍ରିତ ଅତିଥି ଶିକ୍ଷାବିତ ବଳରାମ ଶତପଥୀ, ପଞ୍ଚାୟତ ବିଜେଡି ସଭାପତି ଅଞ୍ଜନ ନାୟକ, ହେମନ୍ତ ଜେନା, ପୂର୍ବତନ ସମିତି ସଭ୍ୟ ଦୁର୍ଯ୍ୟୋଧନ ସେଠୀ, ସୁଶାନ୍ତ ଭୂୟାଁ, ସୁଶାନ୍ତ ସ୍ୱାଇଁ ଓ ଜଳଧର ମଲ୍ଲିକ ପ୍ରମୁଖ ଯୋଗଦେଇ ଚାମ୍ପିଅନ୍ ଓ ରନର୍ସଅପ୍ ଦଳକୁ ଟ୍ରଫି, ପୁରସ୍କାର ରାଶି ପ୍ରଦାନ କରିଥିଲେ । ରନର୍ସଅପ୍ ଦଳର ଟିକିନା ଜେନାଙ୍କୁ ମ୍ୟାନ ଅଫ ଦି ସିରିଜ, ସୌମ୍ୟଙ୍କୁ ବେଷ୍ଟ ବ୍ୟାଟ୍ସମ୍ୟାନ, ଜ୍ଞାନଙ୍କୁ ବେଷ୍ଟ ବୋଲର ଓ ଚାମ୍ପିଅନ୍ ଦଳର ସିଲୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା । ରାଜେନ୍ଦ୍ର ଦାସ, ଅନୀଲ ସେଠୀ ଓ ସନ୍ତୋଷ ରାଉତରାୟ ଖେଳ ପରିଚାଳନା କରିଥିଲେ । ମଧୁସୂଦନ ଦାଶ ଓ ସନ୍ଦୀପ ରାଉତରାୟ ଧାରା ବିବରଣୀ ଦେଇଥିଲେ । ମୁଖ୍ୟ ସଂଯୋଜକ ବିକ୍ରମ ଜେନା ଧନ୍ୟବାଦ ଦେଇଥିଲେ ।

## ଯଯାତି କେଶରୀ ସ୍ମାରକୀ ଭଲିବଲ୍; ଖୋର୍ଦ୍ଧା ଚାମ୍ପିଅନ୍



**ବରୀ, ୧୯।୧(ସମିସ):** ବରୀ ବ୍ଲକ ଅନ୍ତର୍ଗତ ସାହୁପଡ଼ା ଧାରପୁରସ୍ଥ କଚେରୀ ପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ଏକଦିବସୀୟ ଯଯାତି କେଶରୀ ଜେନା ସ୍ମାରକୀ ଦିବାରାତ୍ର ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି । ସଞ୍ଜିବ ସେନା ପକ୍ଷରୁ ଆୟୋଜିତ ଏହି ଭଲିବଲ୍ ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ୪ଟି ପ୍ରମୁଖ ଦଳ କିଟ୍ ବିଶ୍ୱବିଦ୍ୟାଳୟ, କେଏସ୍‌ଆର ସର୍ଭିସ୍ ପାରାଦୀପ, ଏପି ସିକ୍ସସର ବାଲେଶ୍ୱର ଓ ଖୋର୍ଦ୍ଧା ରେଳବାଇ ଅଂଶଗ୍ରହଣ କରିଥିଲେ । ଫାଇନାଲ ମ୍ୟାଚ୍ କିଟ୍ ଓ ଖୋର୍ଦ୍ଧା ରେଳବାଇ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଖୋର୍ଦ୍ଧା ରେଳବାଇ ବିଜୟ ଲାଭ କରିଥିଲା ।

ମୁଖ୍ୟଅତିଥି ଭାବେ ବରୀ ବିଡିଓ ମହେଶ୍ୱର ସେଠୀ ଓ ସମ୍ମାନିତ ଅତିଥି ଭାବେ ବରୀ ତହସିଲଦାର ମାନସ ସ୍ୱାଇଁ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ । ଏ ଅବସରରେ ଶିଶୁ ସାହିତ୍ୟିକ ଡ ଅଜୟ ଜେନା, ପୂର୍ବତନ ଭଲିବଲ ଖେଳାଳି ବ୍ରଜକିଶୋର ପାଣି, ଲକ୍ଷ୍ମୀଧର ଦାସ, ହୁମାୟୁନ ଖାନ, ଅବସରପ୍ରାପ୍ତ ଆରକ୍ଷୀ ଅଧୀକ୍ଷକ ଅରୁଣ ଜେନା, ଗୀତିକାର ଦିଲ୍ଲୀପ ଜେନା, ଅଭୟ ଶତପଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଜିଲ୍ଲା ବିଜେପି ସଭାପତି ଗୌତମ ରାୟ, ପୂର୍ବତନ ସଭାପତି ଆଶୁତୋଷ ପରିଡ଼ା, ବରୀ ବିଜେପି ନେତା ଉମେଶ ଜେନା ପ୍ରମୁଖ ପହଞ୍ଚି ଖେଳକୁ ଉପଭୋଗ କରିଥିଲେ । ଏଭଳି ଖେଳ ବରୀ ଅଞ୍ଚଳରେ ଆୟୋଜନ କରାଯାଇଥିବାରୁ ସଞ୍ଜୀବ ସେନାର ଆବାହକ ସଞ୍ଜୀବ ଜେନାକୁ ଅତିଥିମାନେ ପ୍ରଶଂସା କରିଥିଲେ । ସଞ୍ଜିବ ସେନାର ସଭାପତି ଦେବେନ୍ଦ୍ର ନାଥ ଜେନା, ପୂର୍ବତନ ସମବାୟ ସମିତି ସଭାପତି ସରୋଜ ଜେନା, ଗୁରୁଚରଣ ଦାସ, ବିବେକାନନ୍ଦ ଜେନା, ସଚିଦାନନ୍ଦ ଜେନା, ଗୀରିନ୍ଦ୍ର ପତି, ଅଭିରାମ ଦାସ, ପ୍ରଦୀପ୍ତ ରାଜ ପ୍ରମୁଖ ଯୋଗ ଦେଇଥିବାବେଳେ ଅମୀୟ ପରିଡ଼ା ଓ ରବୀନ୍ଦ୍ର ନାରାୟଣ ଜେନା ଭାଷ୍ୟକାର ଥିଲେ । ଜାତୀୟ ସ୍ତରର ରେଫରୀ ଶ୍ରୀକାନ୍ତ ନାୟକ, ବିଭୂତି ଭୂଷଣ ରଥ ଓ ରାଜ୍ୟସ୍ତରୀୟ ରେଫରୀ ସଞ୍ଜୟ ବଳ ଓ ପ୍ରିୟରଞ୍ଜନ ସାହୁ ଖେଳ ପରିଚାଳନା କରିଥିଲେ ।

### ରବି ନାୟକ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ଭଦ୍ରକକୁ ହରାଇ ଦଶରଥପୁର ଚାମ୍ପିଅନ୍

**ଦଶରଥପୁର, ୧୯।୧(ସମିସ):** ଦଶରଥପୁର ବ୍ଲକ କୁଆଁରପୁର ଯୁବ ପରିଷଦ ପକ୍ଷରୁ ଚାଲିଥିବା ରବି ନାୟକ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ୮ ଦିନ ଧରି ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୧୦ଟି ଦଳ ଅଂଶଗ୍ରହଣ କରିଥିଲେ । ଫାଇନାଲ



ମ୍ୟାଚ୍ ଭଦ୍ରକର ଶାଳନ୍ଦୀ କ୍ରିକେଟ୍ କ୍ଲବ୍ ଓ ଦଶରଥପୁର ଏନସିସି କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଦଶରଥପୁର ବିଜୟୀ ହୋଇ ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଛି ।

ଫାଇନାଲ୍ ମ୍ୟାଚ୍‌ରେ ପ୍ରଥମେ ସାଳନ୍ଦୀ କ୍ଲବ୍ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୧୪୫ ରନ ସଂଗ୍ରହ କରିଥିଲା । ଜବାବରେ ଦଶରଥପୁରର ଏନସିସି କ୍ଲବ୍ ୧୮ ଓଭର ଖେଳି ବିଜୟ ପାଇଁ ଆବଶ୍ୟକ ୧୪୬ ରନ ସଂଗ୍ରହ କରି ବିଜୟୀ ହୋଇଥିଲା । ଚମ୍ପେଇପାଳ ସରପଞ୍ଚ ହିମାଂଶୁ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିଅନ୍ ଏନସିସି କ୍ରିକେଟ କ୍ଲବ୍‌କୁ ୧୦ ହଜାର ଟଙ୍କା ସହ ଚାମ୍ପିଅନ୍ସ ଟ୍ରଫି ପ୍ରଦାନ କରିବା ସହିତ ବରିଷ୍ଠ ରାଜନେତା ସ୍ୱର୍ଗତ ରବି ନାୟକଙ୍କ ପ୍ରତି କୁଆଁରପୁର ଗ୍ରାମବାସୀଙ୍କ ଶ୍ରଦ୍ଧା ଓ ଭଲ ପାଇବାକୁ ନେଇ ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ସମାଜସେବୀ ସରୋଜ ମହାପାତ୍ର ରନର୍ସଅପ୍ ଭଦ୍ରକର ସାଳନ୍ଦୀ କ୍ରିକେଟ୍ କ୍ଲବ୍‌କୁ ୫ ହଜାର ଟଙ୍କା ସହ ରନର୍ସଅପ ଟ୍ରଫି ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ରମେଶ ଚନ୍ଦ୍ର ଦାସ, ଜୟନ୍ତ ନାୟକ, ବ୍ଲକ ବିଜେଡି ସଭାପତି ଅଜୟ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ଫାଇନାଲ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଚାମ୍ପିଅନ୍ ଦଳର ରଶ୍ମିରଞ୍ଜନ ଓଝା ଓ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ରନର୍ସଅପ୍ ଦଳର ଅମୀର ଖାନଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା । ମନୋରଞ୍ଜନ ଦାସ ଓ ତପନ ଜେନା ଖେଳ ପରିଚାଳନା କରିଥିବାବେଳେ ଚନ୍ଦ୍ରଶେଖର ସାହୁ ଓ ସିଲଭଦ୍ର ପଣ୍ଡା ଧାରା ବିବରଣୀ ପ୍ରଦାନ କରିଥିଲେ ।

## ଓଲଟିଲା ବୋଲେରୋ; ବର୍ତ୍ତିଲେ ଯାତ୍ରୀ

**ଯାଜପୁର, ୧୯ ।୧(ସମିସ):** ବରୁଆଁ-ଯାଜପୁର ୨୦ନଂ ଜାତୀୟ ରାଜପଥର ରାଜଘାଟ ନିକଟରେ ଏକ ବୋଲେରୋ ଓଲଟି ପଡ଼ିଥିଲା । ବିଞ୍ଝାରପୁରରୁ ପୁରୀ ଯାଉଥିବାବେଳେ ରାତି ପ୍ରାୟ ୩ଟା ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଉକ୍ତ ବୋଲେରୋ ଗାଡ଼ି ଘରୋଇ କାର୍ଯ୍ୟରେ ନିୟୋଜିତ ହେବା ପରିବର୍ତ୍ତେ ବ୍ୟବସାୟିକ ଭାବେ ବ୍ୟବହାର କରାଯାଇ ବିଞ୍ଝାରପୁର ଅଞ୍ଚଳରୁ ୧୦ ଜଣ ଯାତ୍ରୀଙ୍କୁ ନେଇ ପୁରୀ ଯାଉଥିବା ସମୟରେ ଚାଳକଙ୍କ ଅସାବଧାନତା ଯୋଗୁଁ ଭାରସାମ୍ୟ ହରାଇ ରାସ୍ତାର ବିପରୀତ ଦିଗକୁ ଯାଇ ଓଲଟି ପଡ଼ିଥିଲା । ଯାତ୍ରୀ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି । ଖବର ପାଇ ସଦର ଥାନା ପୁଲିସ ପହଞ୍ଚି ଗାଡ଼ିକୁ ଜବତ କାଗଜପତ୍ର ଯାଞ୍ଚ ନ କରି ଛାଡ଼ିଦେଇଥିବା ଜଣାପଡ଼ିଛି । ରାଜ୍ୟରେ ସଡ଼କ ସୁରକ୍ଷା ସପ୍ତାହ ପାଳନ ହେଉଥିବାବେଳେ ଏଭଳି ଅନିୟମିତତା ଘଟଣାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି । ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ ।

## ନରହରି ମହାନ୍ତିଙ୍କ ଶ୍ରାଦ୍ଧୋତ୍ସବ ପ୍ରସ୍ତୁତି ବୈଠକ

**ଜାରକା, ୧୯ ।୧(ସମିସ):** ଧର୍ମଶାଳା ପ୍ରେସ୍ କ୍ଲବର ଦିବଙ୍ଗତ ସଭାପତି ତଥା ସ୍ୱାଧୀନତା ସଂଗ୍ରାମୀ ନରହରି ମହାନ୍ତିଙ୍କ ୧୬ତମ ଶ୍ରାଦ୍ଧ ଉତ୍ସବ ପାଳନ ପାଇଁ ଜାରକାସ୍ଥ ପ୍ରେସ୍ କ୍ଲବ କାର୍ଯ୍ୟାଳୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଧର୍ମଶାଳା ପ୍ରେସ କ୍ଲବର ସଭାପତି ରମାକାନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାଧାରଣ ସମ୍ପାଦକ ଅବିନେଶ୍ୱର ଶତପଥୀ ବିବରଣୀ ପାଠ କରିଥିଲେ । ପରେ ଦିବଙ୍ଗତ ସଭାପତି ନରହରି ମହାନ୍ତିଙ୍କ ଶ୍ରାଦ୍ଧ ଉତ୍ସବ ହେବା ନେଇ ଆଲୋଚନା କରାଯାଇଥିଲା । ଆସନ୍ତା ୨୩ ତାରିଖରେ ଶ୍ରାଦ୍ଧୋତ୍ସବ ପାଳନ କରିବାକୁ ସ୍ଥିର କରାଯାଇଥିଲା । ଏହି ଉତ୍ସବରେ ବରିଷ୍ଠ ସାମ୍ବାଦିକ ମହେଶ୍ୱର ବଳ, କୈଳାସ ନାୟକ, ବେଣୁଧର ପଣ୍ଡା ଓ ନିଗମାନନ୍ଦ ମହାନ୍ତି ଯୋଗଦେବାକୁ ଅନୁରୋଧ କରାଯାଇଛି । ବୈଠକରେ ପ୍ରେସ୍ କ୍ଲବର ବରିଷ୍ଠ ସଦସ୍ୟ ବଟକୃଷ୍ଣ ପରିଡ଼ା, ଇନ୍ଦ୍ରମଣି ନାୟକ, କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀ, ଉପସଭାପତି ଗୁଲାମ ଗସ, ସୀତାକାନ୍ତ ସାମଲ, ଅଖିଳ ସ୍ୱାଇଁ, କ୍ଷୀରୋଦ ମୁଦୁଲି, ମାନସ ଜେନା, କପିଳେନ୍ଦ୍ର ରାଉତ, ଅନୀଲ ନାୟକ, ବିକ୍ରମ ମହାନ୍ତି, ବିବେକାନନ୍ଦ ରାୟ, କିଶୋର ରାଉତ, ବିନୋଦ ପରିଡ଼ା, ଗିରିଧାରୀ ବେହେରା, ସୁବ୍ରତ ଜେନା, ବିନୋଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଶାନ୍ତ ଗନ୍ତାୟତ ଧନ୍ୟବାଦ ଦେଇଥିଲେ ।

### ନାଭାଲ ଟାଟା କୋଷ୍ଟାଲ ହକି ଚାମ୍ପିଅନ୍‌ସିପ ଉଦ୍‌ଯାପିତ

# ପୁରୁଷରେ ଛତ୍ରପୁର, ମହିଳାରେ ଢେଙ୍କାନାଳ ଚାମ୍ପିଅନ୍







**ଯାଜପୁର, ୧୯ ।୧(ସମିସ)**

ଯାଜପୁର ହକି ପ୍ରଶିକ୍ଷଣ ତାଲିମ କେନ୍ଦ୍ର ପରିସରରେ ୧୫ ତାରିଖରୁ ଆରମ୍ଭ ହୋଇଥିବା ନାଭାଲ ଟାଟା ପ୍ରଥମ କୋଷ୍ଟାଲ ହକି ଟୁର୍ଣ୍ଣାମେଣ୍ଟ ଆଜି ଉଦଯାପିତ ହୋଇଛି । ପୁରୁଷ ବିଭାଗରେ ଛତ୍ରପୁର ଓ ମହିଳା ବିଭାଗରେ ଢେଙ୍କାନାଳ ଦଳ ଚାମ୍ପିଅନ ହୋଇଛି ।

ରାଜ୍ୟର ଉପକୂଳବର୍ତ୍ତୀ ଜିଲ୍ଲା ଭାବେ ପରିଚିତ ଜଗତସିଂହପୁର, ଯାଜପୁର, ଢେଙ୍କାନାଳ, ଖୋର୍ଦ୍ଧା, କଟକ, ନୟାଗଡ଼ ଆଦି ଜିଲ୍ଲାର ଖେଳାଳିଙ୍କ ମଧ୍ୟରୁ ଶ୍ରେଷ୍ଠ ଖେଳାଳି ବାଛିବା ଲକ୍ଷ୍ୟରେ ପ୍ରଥମଥର ପାଇଁ ନାଭାଲ ଟାଟା ପକ୍ଷରୁ ପ୍ରଥମ କୋଷ୍ଟାଲ ହକି ଲିଗ ପ୍ରତିଯୋଗିତା ଆରମ୍ଭ କରାଯାଇଥିଲା । ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ । ଉଦଯାପନୀ ଦିବସରେ ମହିଳା ବିଭାଗରେ ଢେଙ୍କାନାଳ ଓ ଯାଜପୁର ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଏଥିରେ ଢେଙ୍କାନାଳ ବିଜୟୀ ହୋଇ ଦଳ ଚାମ୍ପିଅନ ହୋଇଥିବାବେଳେ ଛତ୍ରପୁର ଦଳ ତୃତୀୟ ସ୍ଥାନ ଦଖଲ କରିଥିଲା । ସେହିପରି ପୁରୁଷ ବିଭାଗରେ ଛତ୍ରପୁର ଓ ରଣପୁର ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଖେଳାଯାଇଥିଲା । ଏଥିରେ ରଣପୁରକୁ ପରାସ୍ତ କରି ଛତ୍ରପୁର ଦଳ ଚାମ୍ପିଅନ ହୋଇଥିଲା । ଭୁବନେଶ୍ୱର ଦଳ ତୃତୀୟ ସ୍ଥାନ ହାସଲ କରିଥିଲା ।

ପୁରସ୍କାର ବିତରଣୀ ଉତ୍ସବରେ ଯାଜପୁରର ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ନାଭାଲ ଟାଟାର ପ୍ରକଳ୍ପ ନିର୍ଦ୍ଦେଶକ ରାଜୀବ ସେଠ, ଓଡ଼ିଶା ହକି ଆସୋସିଏସନର ଭରତ ସାହୁ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଫକୀରମୋହନ ଟୁଡ୍ଡୁ ପ୍ରମୁଖ ଯୋଗ ଦେଇ ଚାମ୍ପିଅନ ଓ ରନର୍ସଅପ ଦଳ, ତୃତୀୟ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ । ଉଭୟ ବିଭାଗର ଚାମ୍ପିଅନ ଦଳକୁ ଟ୍ରଫି ସହିତ ନଗଦ ୨୦ ହଜାର, ରନର୍ସଅପ ଦଳକୁ ନଗଦ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଥିବା ବେଳେ ତୃତୀୟ ଦଳକୁ କେବଳ ଟ୍ରଫି ପ୍ରଦାନ କରାଯାଇଥିଲା ।

### ପପୁ ସ୍ମାରକୀ କ୍ରିକେଟ୍

## ଭଦ୍ରକ ଫାଇନାଲ୍‌କୁ ଉନ୍ନୀତ

**ଜାରକା, ୧୯ ।୧(ସମିସ):** ଧର୍ମଶାଳା ବ୍ଲକ ଉତ୍ତରପ୍ରତାପ ପଞ୍ଚାୟତର ନୀଳକଣ୍ଠପୁର ଖେଳ ପଡ଼ିଆରେ ଚାଲିଥିବା ପପୁ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଆଜି ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି । ଭଦ୍ରକର ସୂର୍ଯ୍ୟଶିଖା ଟିମ କଟକର ମା'ମଙ୍ଗଳା କ୍ରିକେଟ ଟିମ୍‌କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି । ମା' ମଙ୍ଗଳା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ୱିକେଟ ହରାଇ ୧୩୪ ରନ କରିଥିଲା । ଦଳ ପକ୍ଷରୁ ସୂର୍ଯ୍ୟନାରାୟଣ ୩୦ ରନ କରିଥିଲେ । ଜବାବରେ ସୂର୍ଯ୍ୟଶିଖା ଟିମ୍ ୧୮ ଓଭରରେ ୩ ୱିକେଟ ହରାଇ ୧୩୫ ରନ୍ କରି ବିଜୟୀ ହୋଇଥିଲା । ଦଳ ପକ୍ଷରୁ ରଞ୍ଜିତ ମହାକୁଡ ୪୫ ରନ ଓ ସୁମନ ଓଝା ୩୫ ରନ୍ କରିଥିଲେ । ସୁମନ ଓଝା ୩୫ ରନ କରିବା ସହ ୨ଟି ୱିକେଟ ଅକ୍ତିଆର କରିଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା । ଖେଳକୁ ଶିବବ୍ରତ ଶତପଥୀ ଓ ମହେଶ୍ୱର ସ୍ୱାଇଁ ପରିଚାଳନା କରିଥିଲେ ।

### ହନୁମାନ ମନ୍ଦିରରୁ ଚୋରି ଘଟଣା

## ଦୁର୍ବୃତ୍ତଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି

**ଜାରକା, ୧୯ ।୧(ସମିସ):** ଧର୍ମଶାଳା ଥାନା ୧୬ନଂ ଜାତୀୟ ରାଜପଥର ଦେଉଳି ଗ୍ରାମର ମହାନ୍ତିସାହି ରାସ୍ତା କଡ଼ରେ ଥିବା ହନୁମାନ ମନ୍ଦିରରୁ ଶୁକ୍ରବାର ରାତିରେ ଠାକୁରଙ୍କ ବିଭିନ୍ନ ଅଳଙ୍କାର ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା । ପୁଲିସ ଦୁର୍ବୃତ୍ତଙ୍କୁ ଧରିବାରେ ବିଫଳ ହୋଇଛି । ଯାହାକୁ ନେଇ ଆଜି ଆନ୍ତର୍ଜାତିକ ହିନ୍ଦୁ ପରିଷଦ ଓ ରାଷ୍ଟ୍ରୀୟ ବଜରଙ୍ଗ ଦଳ ପକ୍ଷରୁ ଧର୍ମଶାଳା ଥାନାରେ ଅଭିଯୋଗ କରାଯିବା ସହ ଏହି ଘଟଣାରେ ଦୁର୍ବୃତ୍ତଙ୍କୁ ଗିରଫ କରାଯିବା ସହ ଏଥିରେ ସମ୍ପୃକ୍ତ ଦୁର୍ବୃତ୍ତଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି । ଜିଲ୍ଲା ସଂଯୋଜକ ମୃତ୍ୟୁଞ୍ଜୟ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପ୍ରତନିଧି ଦଳ ଧର୍ମଶାଳା ଥାନାରେ ପ୍ରତିବାଦ କରିବା ସହ ଥାନା ଅଧିକାରୀଙ୍କୁ ଅଭିଯୋଗ ପତ୍ର ଦେଇଛନ୍ତି ।

## ଜାତୀୟ ବିଶ୍ୱବିଦ୍ୟାଳୟ ରଗବୀ ଫୁଟ୍‌ବଲରେ ବିଶାଲ ଓ ଲୋକନାଥ ରେଫରୀ

**ଯାଜପୁର, ୧୯।୧(ସମିସ):** କିସ୍‌ଠାରେ ଆୟୋଜିତ ହେଉଥିବା ଜାତୀୟ ମହିଳା ବିଶ୍ୱବିଦ୍ୟାଳୟ ରଗ୍‌ବୀ ଚାମ୍ପିଅନସିପ୍‌ରେ ଯାଜପୁର ଜିଲ୍ଲାର ହଲୁଆପାଟଣାର ଲୋକନାଥ ସାହୁ ଓ ଦଶରଥପୁରର ବିଶାଲ ଚୌଧୁରୀ ରେଫରୀ ଭାବେ ସ୍ଥାନ ପାଇଛନ୍ତି । ରଗ୍‌ବୀ ଇଣ୍ଡିଆ ଦାୟିତ୍ୱ ଦେଇଥିବାରୁ ଯାଜପୁର ଜିଲ୍ଲା ରଗବୀ ଆସୋସିଏସନ୍‌ର ସଭାପତି ନାରାୟଣ ଚନ୍ଦ୍ର ସାହୁ ଓ ସମ୍ପାଦକ ଭାରତ ସାହୁ, ରେଫରୀ ବିଶାଲ ଚୌଧୁରୀ, ଲୋକନାଥ ସାହୁ ରଗ୍‌ବୀ ଇଣ୍ଡିଆ ଓ ଓଡ଼ିଶା ରଗ୍‌ବୀ ଆସୋସିଏସନ୍‌କୁ କୃତଜ୍ଞତା ଜଣାଇଛନ୍ତି ।




### ବୈଶ୍ୟ ବଣିଆ ସମାଜର ବୈଠକ

## ମାର୍ଚ୍ଚରେ ରାଜ୍ୟ ସଂଘର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ



**ଯାଜପୁର, ୧୯।୧(ସମିସ):** ନିଖିଳ ଉତ୍କଳ ବୈଶ୍ୟ ବଣିଆ ସମାଜ ଯାଜପୁର ଜିଲ୍ଲା ଶାଖାର ସାଧାରଣ ପରିଷଦ ବୈଠକ ଯାଜପୁରଟାଉନ୍ ବଡବଜାରସ୍ଥ ଆଶୀର୍ବାଦ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି । କୈଳାସ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆଗାମୀ ମାର୍ଚ୍ଚ ମାସ ଦ୍ୱିତୀୟ ସପ୍ତାହରେ ଜିଲ୍ଲା ସଂଗଠନର ଲୋକାର୍ପଣ ଉତ୍ସବ ଓ ରାଜ୍ୟ ସଂଘର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହେବ । ଏଥିପାଇଁ ଜିଲ୍ଲାର ବିଭିନ୍ନ ବ୍ଲକର ବରିଷ୍ଠ ଜାତି ଭାଇଙ୍କୁ ନେଇ ଏକ କୋର କମିଟି ଗଠନ କରାଯାଇଛି । ଏହି କମିଟିରେ କୈଳାସ ନାୟକ, ଅଜିତ ପୃଷ୍ଟି, ସଦାଶିବ ପୃଷ୍ଟି, ଗୁଣନିଧି ମହାନ୍ତି, ଜଗନ୍ନାଥ ସାହୁ, ରଘୁନାଥ ନାୟକ, ବିବେକାନନ୍ଦ ସାହୁ, ବିଭୁପ୍ରସାଦ ପୃଷ୍ଟି, ଅନନ୍ତ ପୃଷ୍ଟି, ପୂର୍ଣ୍ଣଚନ୍ଦ୍ର ନାୟକ, ଭିକାରୀ ନାୟକ, ଅଶୋକ ନାୟକ, ପ୍ରଶାନ୍ତ ନାୟକ, ଅରଜିତ ନାୟକ ପ୍ରମୁଖ ରହିଛନ୍ତି । ଏହି କମିଟିକୁ ସମ୍ପ୍ରସାରିତ କରାଯିବାକୁ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସଭ୍ୟ ହୃଷିକେଶ ପୃଷ୍ଟି, ନିମାଇଁ ଦାସ, ଘନଶ୍ୟାମ ଘଟୁଆରୀ, ରମେଶ ନାୟକ, ଅନିରୁଦ୍ଧ ପୃଷ୍ଟି, ସୁରେନ୍ଦ୍ର ନାୟକ, ଅଭିଜିତ ନାୟକ, ଦୀନବନ୍ଧୁ ସାହୁ, ଅଜୟରାମ ସାହୁ, ଶକ୍ତିଭୂଷଣ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶିକ୍ଷାବିତ ସଦାଶିବ ପୃଷ୍ଟି ସ୍ୱାଗତ ଭାଷଣ, ଜଗନ୍ନାଥ ସାହୁ ଅତିଥି ପରିଚୟ ଓ ବରିଷ୍ଠ ସଭ୍ୟ ହୃଷିକେଶ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ । ଆସନ୍ତା ଫେବୃଆରୀ ୨୩ ତାରିଖରେ କୋର କମିଟି ବୈଠକ ଅନୁଷ୍ଠିତ ହେବାକୁ ନିଷ୍ପତ୍ତି ନିଆଯାଇଛି ।

## ମୈଥାନକୁ ପ୍ରଦୂଷଣ ବିଭାଗର ନୋଟିସ୍

**ଦାନଗଦି, ୧୯ ।୧(ସମିସ):** ଯାଜପୁର ଜିଲ୍ଲାରେ ଥିବା ମୈଥାନ ଇସ୍ପାତ କାରଖାନାରେ ବ୍ୟାପକ ପ୍ରଦୂଷଣ ହେଉଥିବା ଜାଣି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଶନିବାର କାରଖାନାକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି । ପୂର୍ବରୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ବାରମ୍ବାର ନୋଟିସ ଜାରି କରି ମଧ୍ୟ ବିଫଳ ହୋଇଛି । ଗତବର୍ଷ ଅକ୍ଟୋବର ୨୨ ତାରିଖରେ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା । ଚଳିତ ମାସ ୧୮ ତାରିଖରେ ଆଉଥରେ ନୋଟିସ ଜାରି କରିଛନ୍ତି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ । ପୂର୍ବରୁ ୧୬୮୬୯ ନମ୍ବରରେ ନୋଟିସ ଜାରି ହୋଇଥିବାବେଳେ ଗତ ୧୮ ତାରିଖରେ ୧୧୭୫ ନମ୍ବରରେ ନୋଟିସ୍ ହୋଇଛି । ସ୍ଥାନୀୟ ଅଞ୍ଚଳ ଜନସାଧାରଣ କଳା ଧୂଳି ଧୂଆଁରେ ଅଣନିଶ୍ୱାସୀ ହୋଇପଡ଼ିଲେଣି । ଏହାକୁ ନେଇ ବାରମ୍ବାର ଅଭିଯୋଗ ହେଉଥିବା ଦେଖିବାକୁ ମିଳିଛି । ଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି ପ୍ରଦୂଷଣ ବିଭାଗ, ସ୍ଥାନୀୟ ବିଧାୟକ, ଆରଡିସିଙ୍କୁ ମଧ୍ୟ ଅଭିଯୋଗ ହୋଇଥିଲା । ଯାହାକୁ ନେଇ ମୈଥାନ ଇସ୍ପାତକୁ ପ୍ରଦୂଷଣ ବିଭାଗ ଛାଟ ପୂର୍ବର ପଡ଼ିଥିଲା । ତେବେ ପ୍ରଦୂଷଣ ରୋକିବା ପାଇଁ କୌଣସି ପଦକ୍ଷେପ ନେଇ ନ ଥିଲା । ପ୍ରଦୂଷଣ ବିଭାଗ ପକ୍ଷରୁ ଦ୍ୱିତୀୟ ଥର ଚିଠିରେ ୧୫ଟି ସାଙ୍ଘାତିକ ଅଭିଯୋଗ ହୋଇଛି । ପ୍ରଦୂଷଣ ନିୟନ୍ତ୍ରଣରେ ସୁଧାର ଆଣିବାକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ନିର୍ଦ୍ଦେଶ ଦେଇଛନ୍ତି । ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ଚିଠି ଅନୁସାରେ ପ୍ଲାଣ୍ଟକୁ ଆସୁଥିବା କଞ୍ଚାମାଲକୁ ଘୋଡାଇ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । କାରଖାନା ମଧ୍ୟରେ ଉଡୁଥିବା କୋଇଲା ଓ ଲୁହା ଗୁଣ୍ଡକୁ ନିୟନ୍ତ୍ରଣ ପାଇଁ ପାଣି ଛିଞ୍ଚନ୍ ହେଉ ନ ଥିବା କହିଛନ୍ତି । ସେହିପରି ପ୍ଲାଣ୍ଟରୁ ନିର୍ଗତ ପାଣି ଜଳ ପ୍ରଦୂଷଣ କରୁଥିବା ବିଭାଗ କହିଛି । କୋଇଲା ଓ ଆଇରନ ୟାର୍ଡକୁ ଠିକ୍ ଭାବେ ନିବୁଜ କରି ରଖାଯାଉନାହିଁ । କାରଖାନାରୁ ନିର୍ଗତ ପାଉଁଶକୁ ଏଣେତେଣେ ଫିଙ୍ଗାଯାଉଛି । ସିପିପି ପ୍ଲାଣ୍ଟକୁ ସଠିକ୍ ଢଙ୍ଗରେ ପରିଚାଳିତ କରାଯାଉନି । ଡିଆରଆଇ ପ୍ଲାଣ୍ଟରୁ ଉଡୁଥିବା କୋଇଲା ଗୁଣ୍ଡ ଉପରେ ପାଣି ସିଞ୍ଚନ କରାଯାଉନି ବୋଲି ଉଲ୍ଲେଖ ରହିଛି । ତେବେ କେବେ ପ୍ରଦୂଷଣ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ଦେଖିବାକୁ ବାକି ରହିଲା ।

